୬ ଫାଇନାଲରେ ବର୍ଷା ହେଲେ ରିଜର୍ଭ ଡେ'ରେ ଖେଳାଯିବ ଚାମ୍ପିୟନ୍ସ ଟ୍ରଫି : ଆଇସିସି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

• ବର୍ଷ–୩୨ • ସଂଖ୍ୟା–୪୦ • ୭ ମାର୍ଚ୍ଚ ୨୦୨୫, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-40 • 7th March 2025, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27



DSPL-410

ସୁଭଦ୍ରା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଘରେ ଘରେ ସୁଭଦ୍ରା ଦୀପ ଜାଳିବା
ମହିଳା ସଶକ୍ତୀକରଣ ପର୍ବ ପାଳିବା



୭ ମାର୍ଚ୍ଚ ୨୦୨୫

ଘରେ ଘରେ ସୁଭଦ୍ରା

OIPR : 33001/13/0077/2425

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୭ ମାର୍ଚ୍ଚ ୨୦୨୫ ଶୁକ୍ରବାର





# ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ



**ବାଲେଶ୍ୱର, ନ୍ୟୁଜ୍**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତ କରି ସ୍ଥାନୀୟ ପଦ୍ମାବତୀ ପାର୍କର ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଅଧିନସ୍ଥ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ସୁଭଦ୍ରା ଯୋଜନା, ମମତା ମିଶନ, ପୋଷଣ, ଅଙ୍ଗନବାଡି ଆଦି ବିଷୟର କାର୍ଯ୍ୟକାରିତା ଉପରେ ପ୍ରାରମ୍ଭରେ ଆଲୋଚନା କରାଯାଇଥିଲା ଓ ସେହିଭଳି ମିଶନ ଶକ୍ତି ଅଧିନସ୍ଥ ଓଡ଼ିଶା ଜୀବିକା ମିଶନ୍, ଲକ୍ଷପତି ଦିଦି, ମିଶନ ଶକ୍ତି ରିଟେଲ୍ ମାର୍ଟ, ବ୍ଲକ୍‌ସ୍ତରୀ ମିଶନ୍ ଶକ୍ତି ଭବନ ଭଳି ବିଭିନ୍ନ ଦିଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା ଓ ପରିଶେଷରେ ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକରଣ ଓ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ଓ ବୈଠକ ପରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଜାରି ରହିଥିବା ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ ସମାପ୍ତି ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ସାଂସଦ ବାଲେଶ୍ୱର ପ୍ରତାପ ଷଡ଼ଙ୍ଗୀ, ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ସିମୁଳିଆ ପଦ୍ମଲୋଚନ ପଣ୍ଡା, ବିଧାୟକ ସଦର ମାନସ ଦତ୍ତ ଓ ବିଧାୟକ ନୀଳଗିରି ସନ୍ତୋଷ ଖଟୁଆଙ୍କ ସମେତ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକ ମଞ୍ଚାସୀନ ଥିବା ବେଳେ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ପତ୍ନୀ ହତ୍ୟା ମାମଲା:ହତ୍ୟାକାରୀଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଏକ ହତ୍ୟା ମାମଲାର ବିଚାର କରି ଆସାମୀ କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ ଗୋପାଳ ସାହିର ସାଇବାଣୀ ବାରିକ (୫୫)ଙ୍କୁ କେନ୍ଦୁଝର କୋର୍ଟର ଏଡିଜେ ମମିତା ଦାସ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ବାମେବାରୀ ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ଯୋଗେନ୍ଦ୍ର ମହାକୁଡ ତାଙ୍କ ଝିଅ ସୁସ୍ମିତାଙ୍କୁ ପ୍ରାୟ ୯ ବର୍ଷ ହେବ ସଦର ଥାନା ଅନ୍ତର୍ଗତ କାଠବାଉଁଶୂଳୀ (ଗୋପାଳ ସାହି)ର ସୁରଥ ବାରିକଙ୍କୁ ବୈଦିକ ରୀତିରେ ବିବାହ କରାଇଥିଲେ । କିନ୍ତୁ ଅଧିକ ଯୌତୁକ ନିମନ୍ତେ ଶ୍ୱଶୁର ଘର ଲୋକେ ସୁସ୍ମିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ଘଟଣା ଦିନ ବୋହୂ ସୁସ୍ମିତାଙ୍କୁ ଶାଶୂ ସାଇବାଣୀ ବାରିକ କିରୋସିନି ଢାଳି ପୋଡି ଦେଇଥିଲା । ଏହି ସମୟରେ ଗାଁ ଲୋକମାନେ ଚିତ୍କାର ଶୁଣି ସୁସ୍ମିତାଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରିବା ସହ ତାଙ୍କ ବାପ ଘର ଲୋକଙ୍କୁ ଖବର ଦେଇଥିଲେ । ସୁସ୍ମିତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ୍ ପଠାଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଥିଲା । ୮।୨।୨୦୨୧ ତାରିଖରେ ସୁସ୍ମିତା ବାପା ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ସଦର ଥାନା ଅଧିକାରୀ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ବୁଧବାର କେନ୍ଦୁଝର ଏଡିଜେ ମମିତା ଦାସ ୨୨ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଆସାମୀଙ୍କୁ ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଆଡିସନାଲ୍ ପିପି ପ୍ରଫୁଲ୍ଲ କୁମାର ପାତ୍ର କେସ୍ ପରିଚାଳନା କରୁଥିଲେ ।

# ‘ମର୍ଯ୍ୟାଦା ଓ ସ୍ୱାଭିମାନର ଓଡ଼ିଶା ଗଠନ ବିଜୁ ବାବୁଙ୍କ ସ୍ୱପ୍ନ ଥିଲା’

**କଟକ, ନ୍ୟୁଜ୍ ବ୍ୟୁରୋ**



ବିଜୁ ପଟ୍ଟନାୟକ କେବଳ ଏକ ନାମ ନଥିଲେ – ସେ ଥିଲେ ଏକ ଭାବନା, ଏକ ଆନ୍ଦୋଳନ, ନିଜ ଭିତରେ ଏକ ବିପ୍ଲବ । ସେ ଏପରି ଏକ ଓଡ଼ିଶାର ସ୍ୱପ୍ନ ଦେଖିଥିଲେ ଯାହା ମର୍ଯ୍ୟାଦା ଏବଂ ସ୍ୱାଭିମାନ ସହିତ ଉଚ୍ଚ ହୋଇ ଠିଆ ହେବା ସହ ଯେଉଁଠାରେ ଯୁବପିଢ଼ି ନେତୃତ୍ୱ ନେବେ, ଯେଉଁଠାରେ ମହିଳାମାନେ ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଚାଲିବେ, ଯେଉଁଠାରେ ଶିଳ୍ପ, ଶିକ୍ଷା ଏବଂ ପ୍ରଗତି ପ୍ରତ୍ୟେକ ଗ୍ରାମ ଏବଂ ପ୍ରତ୍ୟେକ ଘରକୁ ଛୁଇଁବ । ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର କଟକ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଆୟୋଜିତ ୧୦୯ ତମ ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଏହି ମତପ୍ରକାଶ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରି ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ, ଦୂରଦୃଷ୍ଟି ସଂପନ୍ନ ରାଜନେତା, ଦୁଃସାହସୀ ବୈମାନିକ ଓ ଶିଳ୍ପପତି ଥିଲେ ବୋଲି ବର୍ଣ୍ଣନା କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମହାନ୍ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏଥି ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୁଧୀଜନଙ୍କ ମଧ୍ୟରୁ ବହୁ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ସ୍ୱତଃପ୍ରବୃତ୍ତ ଭାବରେ ଏହି କିମ୍ବଦନ୍ତୀ ପୁରୁଷଙ୍କ ବିଷୟରେ କବିତା ଓ ସ୍ମୃତିଚାରଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବିଜୁ ପଟ୍ଟନାୟକଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ନିଷ୍ଠା, ପରାକାଷ୍ଠା ଓ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ସକାଳେ ବିଜୁ ପଟ୍ଟନାୟକ ଛକ, ଆନନ୍ଦ ଭବନ ଓ ଯୋବ୍ରା ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ । ଆନନ୍ଦ ଭବନ ସଂଗ୍ରହାଳୟ ଓ ପାଠାଗାରକୁ ସାଜସଜ୍ଜା କରାଯିବା ସହ ବିଜୁ ବାବୁଙ୍କ ଜୀବନି ଉପରେ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ସାଧାରଣ ଲୋକଙ୍କ ପାଇଁ ଏହି ପ୍ରଦର୍ଶନୀ ଦିନ ସାରା ଖୋଲା ରହିଥିଲା ।

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ୩ ଦୁର୍ବୃତ୍ତ ଧରାପଡ଼ିଲେ

**ସାଲେପୁର, ନ୍ୟୁଜ୍**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପବିତ୍ର ଜୟନ୍ତୀ ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ମାନେ ଭାଙ୍ଗି ଦେବାପରେ, ଏଭଳି ଅଭାବନୀୟ ଘଟଣା ପାଇଁ ସର୍ବତ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ଉମର ଗାଁର ହନୁମାନ ମନ୍ଦିର ଛକରେ ଥିବା ବିଜୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରୁ କେହି ନଥିବା ବେଳେ ଦୁର୍ବୃତ୍ତମାନେ ବକ୍ଷରୁ ମୁଣ୍ଡକୁ ଅଲଗା କରି ନିକଟରେ ଥିବା ଅଳିଆ ଗଦାରେ ଫିଙ୍ଗି ଦେଇଥିଲେ । ଭଦ୍ରେଶ୍ୱର ଥାନା ପୋଲିସ ଓ ସାଲେପୁର ଏସଡ଼ିପିଓ ଘଟଣାସ୍ଥଳରେ ପହଞ୍ଚି ନିକଟ ଅଞ୍ଚଳର ସିସିଟିଭି ଯାଞ୍ଚ କରିବା ସହ ଅଧିକ ତଦନ୍ତ କରି ଦୋଷୀଙ୍କୁ ଯଥାଶୀଘ୍ର ଧରିବା ପାଇଁ ଦାବି କରିଥିଲେ । ପୋଲିସର ତତ୍ପରତା ପରେ ଏହି କାଣ୍ଡରେ ସମ୍ପୃକ୍ତ ୩ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି ପୋଲିସ । ସୂଚନା ଅନୁଯାଇ ଗ୍ରାମବାସୀ ତଥା ବିଜୁ ପ୍ରେମୀମାନେ ପ୍ରତିମୂର୍ତ୍ତିରୁ ବିଚ୍ଛିନ୍ନ ହୋଇଥିବା ମୁଣ୍ଡକୁ ଯୋଡିବା ପରେ ମୂର୍ତ୍ତିକୁ ପ୍ରତିଷ୍ଠା କରିବା ସହ ଜୟନ୍ତୀ ପାଳନ କରିଥିଲେ ।

# ଯାଜପୁରରେ ବିଜୁ ବାବୁଙ୍କ ସର୍ବବୃହତ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ସଦର ମହକୁମା ଠାରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ହୋଇଛି ଭବ୍ୟ କାର୍ଯ୍ୟକ୍ରମ । ଯଯାତି କେଶରୀ ମେଡିକାଲ୍ କଲେଜ ସମ୍ମୁଖରେ ନବ ନିର୍ମିତ ବିଜୁ ବାବୁଙ୍କ ୪୩ ଫୁଟ୍ ଉଚ୍ଚତା ବିଶିଷ୍ଟ ସର୍ବ ବୃହତ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ ରାଜ୍ୟର ତୁଙ୍ଗ ବିଜେଡ଼ି ନେତାମାନେ ଏକତ୍ରୀତ ହୋଇ ବିଜୁ ବାବୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଯାଜପୁରରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସ ବର୍ମା, ଅରୁଣ ସାହୁ, ପ୍ରିତିରଞ୍ଜନ ଘଡ଼େଇ, ପ୍ରତାପ ଦେବ, ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ଚନ୍ଦବାଲୀ ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରୀ ପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ, ଯାଜପୁର ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ଯାଜପୁର ପୌର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବହୁ ବିଧାୟକ ଓ ସାଂସଦ ମାନେ ତଥା ବରିଷ୍ଠ ବିଜେଡ଼ି ନେତା କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଓ ଯାଜପୁର ବିଜେଡ଼ି ନଗର ଯୁବ ସଭାପତି ମନୋଜ କୁମାର ସାହୁ ଓ ଯାଜପୁର ପୌରପାଳିକାର ସମସ୍ତ କାଉନ୍‌ସିଲର ଓ ଯାଜପୁର ଜିଲ୍ଲାର ସମସ୍ତ ବିଜେଡ଼ି ବ୍ଲକ ଚେୟାରମେନ୍ ଓ ଭାଇସ୍ ଚେୟାରମେନ୍ ଓ ସମସ୍ତ ବିଜୁ ଜନତା ଦଳର ବରିଷ୍ଠ ନେତା ଓ କର୍ମୀ ମାନଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ । ପାଖାପାଖି ଏହି ସଭାରେ ୧୫ ହଜାରରୁ କୋଡ଼ିଏ ହଜାର ବିଜୁ ବାବୁଙ୍କୁ ଭଲପାଉଥିବା ଯାଜପୁରବାସୀ ଯୋଗଦେଇ ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଥିବା ଅବଦାନକୁ ମନେ ପକାଇବା ସହିତ ରାଜ୍ୟ ସରକାର ଯେଉଁଭଳି ବିଜୁ ବାବୁଙ୍କ ଅସମ୍ମାନିତ କରିଛନ୍ତି ତା’ର ଜବାବ୍ ଆଗାମୀ ଦିନରେ ଲୋକେ ଦେବେ ବୋଲି ଚେତାବନୀ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ସର୍କିଟ୍ ହାଉସ୍ ନିକଟରୁ ଏକତ୍ରୀତ ହୋଇ ପଦଯାତ୍ରାରେ ଆସି ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମ ପାଇଁ ପୁରା ଯାଜପୁର ଉତ୍ସବ ମୁଖର ହୋଇଥିଲା ।

## ମହିଳାମାନେ ସ୍ୱାବଲମ୍ବୀ ଓ ସଶକ୍ତ ହେବା ନେଇ ପଦକ୍ଷେପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳନ ଅବସରରେ ପଞ୍ଚମ ଦିବସରେ ପୌର ପରିଷଦ ସ୍ତରୀୟ ମହିଳା ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରୁ ବ୍ଲକ ଅଫିସ୍ ଯାଏ ଏକ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୋନପୁର ସିଡିପିଓ ସାଗରିକା ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋନପୁର ବିଡ଼ିଓ ସଂଜୀବ କୁମାର ସାହୁ ଅତିଥି ଭାବରେ ଯୋଗଦେଇ ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମହିଳାମାନେ ସ୍ୱାବଲମ୍ବି ହେବା, ସଶକ୍ତିକରଣ ଓ ସାକ୍ଷରତା ଲକ୍ଷ୍ୟ ସହ ଘରୋଇ ହିଂସା ଓ ବାଲ୍ୟ ବିବାହରୁ ମୁକ୍ତ ହେବା ଓ ସୁଭଦ୍ରା ଯୋଜନାରେ ସାମିଲ୍ ହୋଇ ଓଡ଼ିଶାକୁ ସମୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁଭଦ୍ରା ସହିତ ସାମିଲ୍ ହେବା–ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା ଇତ୍ୟାଦି ନାରା ଦେଇଥିଲେ ମହିଳା ମାନେ । ଅଙ୍ଗନୱାଡ଼ି କର୍ମୀ, ସହାୟିକା, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ସୁଭଦ୍ରା ହିତାଧିକାରୀଙ୍କ ସମେତ ସ୍ୱେଚ୍ଛାସେବୀ ମହିଳା ଓ ବୁଦ୍ଧିଜୀବୀ ସାମିଲ୍ ଥିଲେ । ସୋନପୁର ପଟାଭାଡ଼ି ଲୋକନାଥ ମନ୍ଦିର ସମେତ ସୋନପୁର ବ୍ଲକର ହରଡ ଖୋଲ ଓ ଲଚ୍ଛିପୁର ପଞ୍ଚାୟତ ଠାରେ ଏହି ଉପଲକ୍ଷେ ପଥ ପ୍ରାନ୍ତ ସଭା ଅୟୋଜନ କରାଯିବ ବୋଲି ସିଡିପିଓଙ୍କ ଠାରୁ ସୂଚନା ମିଳିଛି ।

## ହାତ, ପାଟି ବାନ୍ଧି ସ୍କୁଲ୍‌ରେ ଦୁଇ ଛାତ୍ରୀଙ୍କୁ ଅସଦାଚରଣ

**ରାଜକନିକା, ନ୍ୟୁଜ୍ ବ୍ୟୁରୋ**

ହାତ, ପାଟି ବାନ୍ଧି ଦୁଇ ଛାତ୍ରୀଙ୍କୁ ସ୍କୁଲ୍ ଅଫିସ୍‌ରେ ଅସଦାଚରଣ । ରାଜକନିକା ଶିକ୍ଷାମଣ୍ଡଳ ଅନ୍ତର୍ଗତ ଭାମଣ୍ଡା ନୃସିଂହନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଏକ ସାଂଘାତିକ ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି । ଜଣେ ଶିକ୍ଷକ ସେମାନଙ୍କୁ ଅସଦାଚରଣ କରିଥିବା ବେଳେ ଏଥିରେ ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ସଂପୃକ୍ତି ଥିବା ଅଭିଯୋଗ ହୋଇଛି । ରାଜକନିକା ପୋଲିସ ସଂପୃକ୍ତ ଶିକ୍ଷକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି । ଜଣେ ପୀଡ଼ିତା ଛାତ୍ରୀଙ୍କ ମା’ ଏତଲାରେ ଦର୍ଶାଇଛନ୍ତି ଯେ ଗତ ପହିଲା ଦିନ ତାଙ୍କ ଝିଅ ଓ ତାର ସାଙ୍ଗ ସ୍କୁଲ୍‌କୁ ପାଠ ପଢ଼ିବାକୁ ଯାଇଥିଲେ । ହେଲେ ସେଇ ସ୍କୁଲର ଜଣେ ଶିକ୍ଷୟିତ୍ରୀ ଦୁହିଁଙ୍କୁ ସ୍କୁଲ୍ ଅଫିସ୍‌କୁ ଡାକି ହାତ ବାନ୍ଧିବା ସହ ମୁହଁକୁ ମଧ୍ୟ କପଡାରେ ବାନ୍ଧି ପକାଇଲେ । ଏହା ପରେ ଶିକ୍ଷକ ଦୁହିଁଙ୍କୁ ତଳେ ପକାଇ ଅସଦାଚରଣ କରିଥିଲେ । ଏକଥା କାହାକୁ କହିଲେ ମାରିଦେବି ବୋଲି ଧମକ ଦେଇଥିଲେ । ଏଭଳି ଶିକ୍ଷକଙ୍କୁ ବିହିତ ଦଣ୍ଡବିଧାନ କରି ଦୁଇ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ପୀଡିତାଙ୍କ ମା’ ନିବେଦନ କରିଛନ୍ତି । ଏ ଘଟଣା ସମ୍ପର୍କରେ ପୀଡ଼ିତା ଦୁଇଜଣ ନିଜ ଘରେ ପ୍ରଘଟ କରିବା ପରେ ଅଭିଭାବକଙ୍କ ସହ ଗାଁଲୋକେ ସ୍କୁଲ୍‌କୁ ଯାଇ ଶିକ୍ଷକଙ୍କୁ ମାଡ଼ ମାରିଥିଲେ । ଏ ସମ୍ପର୍କରେ ଖବରପାଇ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରି ଥାନାକୁ ନେଇ ଅଟକ ରଖିଛନ୍ତି ।

## ଅସହାୟ ମହିଳାଙ୍କୁ ଥଇଥାନ କଲେ ଆଇନ୍‌ସେବା ପ୍ରାଧିକରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜଣେ ଅସହାୟ ମହିଳା ଥଇଥାନ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ପଟ୍ଟାମୁଣ୍ଡାଇ ଦେଉଳିପଡା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ସୁମିତ୍ରା ବେହେରା ନାମକ ଏହି ମହିଳା ରୋଗାଗ୍ରସ୍ତ ଅସହାୟ ଅବସ୍ଥାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଫିସ୍‌ରେ ପହଞ୍ଚ ସାହାଯ୍ୟ କରିବା ପାଇଁ ନିବେଦନ କରିଥିଲେ । ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ମହିଳାଙ୍କୁ ଚିକିତ୍ସା ବ୍ୟବସ୍ଥା କରିବା ସହ ରେସ୍ପା ସ୍ୱଚ୍ଛ ରହଣୀ କେନ୍ଦ୍ରରେ ତାଙ୍କୁ ନେଇ ଥଇଥାନ କରିଥିବା ଜଣାପଡିଛି । ଏଥି ସହିତ ଡିଏସଡବ୍ଲୁ ଓ ଚିକିତ୍ସାଳୟକୁ ତାଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ୨୦୩୬ ସୁଦ୍ଧା ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବ:ଶିକ୍ଷାମନ୍ତ୍ରୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**



ମୟୂରଭଞ୍ଜ ଗସ୍ତରେ ଆସି ସ୍କୁଲ୍ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସାମାଜିକ ସୁରକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବାରିପଦା ସର୍କିଟ୍ ହାଉସ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଗତ ହୋଇଥିବା ବଜେଟ୍ ଉପରେ ଆଲୋଚନା କରିଥିଲେ । କେନ୍ଦ୍ରରେ ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ବେଳେ ୧୬ ଲକ୍ଷ କୋଟିର ବଜେଟ୍ ହେଉଥିଲା ବେଳେ ଚଳିତ ୨୦୨୫-୨୬ ପାଇଁ ୫୧ ଲକ୍ଷ କୋଟିର ବଜେଟ୍ ହୋଇଛି । ବଜେଟ୍‌ରେ ଗରିବ, କୃଷକ, ମହିଳା ଓ ଯୁବକଙ୍କୁ ଅଧିକ ଗୁରୁତ୍ୱ ମଧ୍ୟ ଦିଆଯାଇଛି । ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ମନାଇବାକୁ ଥିବା ବେଳକୁ ଦେଶର ବିକାଶ କିଭଳି ଶିଖର ଛୁଇଁବ ସେ ବିଷୟରେ ମୋଦି ସରକାର ଏବେ ଠାରୁ ଧ୍ୟାନ ରଖିଛନ୍ତି । ସେହିପରି ରାଜ୍ୟରେ ମଧ୍ୟ ସରକାର ପରିବର୍ତ୍ତନ ହୋଇଛି । ରାଜ୍ୟରେ ବିଜେପି ଦଳର ଶାସନ ଆରମ୍ଭ ହୋଇଛି । ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ୨ ଲକ୍ଷ ୯୦ ହଜାର କୋଟିର ବଜେଟ୍ ଉପସ୍ଥାପନ କରିଛନ୍ତି । ଏଥିରେ ସମସ୍ତ ବର୍ଗଙ୍କ ବିକାଶ ପ୍ରତି ଧ୍ୟାନ ଦିଆଯାଇଛି । ୨୦୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟ ଭାବରେ ଗଠନ କରିବାକୁ ମୋହନ ସରକାର ଧ୍ୟାନ ରଖି ବଜେଟ୍ ପ୍ରସ୍ତୁତ କରିଛନ୍ତି । ପୂର୍ବ ବଜେଟ୍ ତୁଳନାରେ ସରକାର ଚଳିତ ବଜେଟ୍‌ରେ ଅନ୍ତର୍ଦ୍ୟୋୟ ଗୃହ ଯୋଜନା, ସୁଭଦ୍ରା ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା, ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଯୋଜନା, ପୃଷ୍ଟି ମିଶନ, ବକୁଳବନ ଉଦ୍ୟାନ, ଆମ ଶିମିଳିପାଳ, ମଡେଲ୍ ମଣ୍ଡି, ଶହୀଦ ଲକ୍ଷ୍ମଣ ନାଏକ ବିଦ୍ୟାଳୟ, ପ୍ରବାସୀଙ୍କ ପାଇଁ ଭାଷା ସୁରକ୍ଷା, କନ୍ୟା ବିବାହ, ସ୍ୱଚ୍ଛ ଓଡ଼ିଶା, ଆମେ ପଢିବା ଆମ ମାତୃଭାଷା, ଅଟଳ ବସ୍ୱାଷ୍ଟ ଓ ସମୃଦ୍ଧ ସହର ଭଳି ୧୬ଟି ନୂତନ ଯୋଜନା ସାମିଲ୍ କରିଛନ୍ତି । ଏଣୁ ଏଭଳି ଲୋକାଭିମୁଖୀ ବଜେଟ୍ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଜାଣିବା ଦରକାର ଏବଂ ଏଥିପାଇଁ ସରକାରଙ୍କ ପକ୍ଷରୁ ମନ୍ତ୍ରୀମାନେ ପ୍ରତ୍ୟେକ ଜିଲ୍ଲାକୁ ଗସ୍ତକରିବା ସହ ବୁଦ୍ଧିଜୀବୀଙ୍କ ସହ ଭାବ ବିନିମୟ କରୁଛନ୍ତି ଓ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରତି ଜନତାଙ୍କ ପାଖରେ ବଜେଟ୍ ସମ୍ପର୍କରେ ସୂଚନା ପହଞ୍ଚାଇବା ପାଇଁ ପ୍ରୟାସ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟ ସଭା ସାଂସଦ ମମତା ମହାନ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ସରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ବିଜେପି ଜିଲ୍ଲା ସଭାପତି ନିହାର ମୋଦୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସବୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୬ ମାସ ଭିତରେ ଜଙ୍ଗଲ ଜମି ଚିହ୍ନଟ କର

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଦେଶରେ ଜଙ୍ଗଲ ସୁରକ୍ଷା ପାଇଁ ଜଙ୍ଗଲ ଜମିକୁ ଚିହ୍ନଟ କରିବା ଦିଗରେ ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜଙ୍ଗଲ ଜମି ଚିହ୍ନଟ କରିବା ସହିତ ବୈଜ୍ଞାନିକ ଉପାୟରେ ସୀମା ନିର୍ଦ୍ଧାରଣ କରିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ କହିଛନ୍ତି । ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ତୁରନ୍ତ ବିଶେଷଜ୍ଞ କମିଟି ଗଠନ କରି ୬ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଏହି କାର୍ଯ୍ୟ ସମ୍ପନ୍ନ ନହୁଏ ତେବେ ରାଜ୍ୟ ମୁଖ୍ୟ ସଚିବ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ପ୍ରଶାସକମାନେ ଏଥିପାଇଁ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ସୁପ୍ରିମକୋର୍ଟ ସତର୍କ କରାଇ ଦେଇଛନ୍ତି । ଜଙ୍ଗଲ ସୁରକ୍ଷା ଆଇନ୍,୧୯୮୦(ଏଫସିଏ)ରେ ସଂଶୋଧନକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିସନ୍ ଦାଏର୍ ହୋଇଥିଲା ବେଳେ ଜଷ୍ଟିସ୍ ବିଆର୍ ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହାର ଶୁଣାଣି କରି ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ ଦେଇଥିଲେ । ବଣ (ସଂରକ୍ଷଣ ଏବଂ ସମ୍ବର୍ଦ୍ଧନା) ଅଧିନିୟମ,୨୦୨୩ର ରୁଲ୍ ୧୬(୧)କୁ ଆଧାର କରି ସେ କହିଥିଲେ ଯେ, ଦେଶର ଜଙ୍ଗଲ କ୍ଷେତ୍ରକୁ ସୁରକ୍ଷା ଦେବାକୁ ହେଲେ ପ୍ରଥମେ ଜଙ୍ଗଲ ଜମିକୁ ଚିହ୍ନଟ କରାଯିବା ଦରକାର । ଏଥିପାଇଁ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ବିଭିନ୍ନ କିସମର ଜଙ୍ଗଲ ଜମିକୁ ନେଇ ରେକର୍ଡ ପ୍ରସ୍ତୁତ କରିବା ସହିତ ଜଙ୍ଗଲ ସମାନ ଜମିର ରେକର୍ଡ ମଧ୍ୟ ପ୍ରସ୍ତୁତ କରିବା ଦରକାର । ଜଙ୍ଗଲ ଜମି ରେକର୍ଡ ପ୍ରସ୍ତୁତି କାର୍ଯ୍ୟ ଏବେ ବି ଅଧିକାଂଶ ରାଜ୍ୟରେ ସମ୍ପୂର୍ଣ୍ଣ ହୋଇନାହିଁ । ବୈଜ୍ଞାନିକ ପଦ୍ଧତିରେ ଜଙ୍ଗଲ ଜମି ଚିହ୍ନଟ ଏବଂ ପରିସୀମା ନିର୍ଦ୍ଧାରଣ ପାଇଁ ବିଶେଷଜ୍ଞ କମିଟିର ଆବଶ୍ୟକତା ରହିଥିଲା ବେଳେ ଅନେକ ରାଜ୍ୟ ଏହି କାର୍ଯ୍ୟ ମଧ୍ୟ ସମ୍ପନ୍ନ କରିନାହାନ୍ତି । କିନ୍ତୁ ବିଶେଷଜ୍ଞ କମିଟି ଗଠନ କାର୍ଯ୍ୟ ମାସକ ଭିତରେ ଶେଷ କରିବାକୁ ସୁପ୍ରିମକୋର୍ଟ ସବୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ରୁଲ୍ ୧୬(୧) ଅନୁଯାୟୀ ଜଙ୍ଗଲ ଜମି ଚିହ୍ନଟ କରି ୬ ମାସ ଭିତରେ ରିପୋର୍ଟ ପ୍ରସ୍ତୁତ କରିବା ସହିତ ତାହାକୁ କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟ ନିକଟରେ ଦାଖଲ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟ୍ଟ କହିଥିଲେ ଯେ, ଏହାପୂର୍ବରୁ ସୁପ୍ରିମ୍‌କୋର୍ଟ ୨୦୨୪, ଫେବୃଆରୀ ୧୯ରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସମାନ୍ ନିର୍ଦ୍ଦେଶ ଜାରି କରି ଜଙ୍ଗଲ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରୁଲ୍ ୧୬(୧) ଅନୁସାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଜଙ୍ଗଲ ଜମି ଚିହ୍ନଟ କରି ୨୦୨୪, ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଥିଲା । କିନ୍ତୁ ଏହାମଧ୍ୟରେ ବର୍ଷେ ବିତିଥିଲେ ବି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯଦି ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାନଯାଏ ତେବେ ଏଥିପାଇଁ ସବୁ ରାଜ୍ୟର ମୁଖ୍ୟ ସଚିବ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକମାନଙ୍କୁ ବ୍ୟକ୍ତିଗତ ଭାବେ ଦାୟୀ କରାଯିବ ଏବଂ ସେମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ।

# ୩୯୨ ଲିଟର ମଦ ଜବତ:୭ କୋର୍ଟ ଚାଲାଣ



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଗତ ୩ ତାରିଖରେ ରାଉରକେଲାର ପ୍ରେମନଗର, ଓରାମପଡା, ତୁଳସିଟୋଲା, ବରାବଂଶ, ବଣ୍ଡାମୁଣ୍ଡା, ଅଞ୍ଚଳକୁ ଚଢ଼ଉ କରି ମୋଟ ୮ ଗୋଟି କେସ୍ କରାଯାଇଛି ଏବଂ ମୋଟ୍ ୧୮୭ ଲିଟର ବେଆଇନ୍ ମହୁଲି ମଦ, ୨୦୫ ଲିଟର ବାହାର ଭାଟି ମଦ ସହିତ ୧୭୦୦ ମହୁଲ ପୋଚ ନଷ୍ଟ କରାଯାଇଛି ଏବଂ ଗୋଟିଏ ସ୍କୁଟି ଯାହାର ବାରମତ କରାଯାଇଛି । ମୋଟ୍ ୭ଟି କ୍ଲେମ୍ କେସ୍ କରାଯାଇଛି ଏବଂ ଗୋଟିଏ ଅନ୍‌କ୍ଲେମ୍‌ଡ୍ କେସ୍ କରାଯାଇଛି । ମୋଟ୍ ୭ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କର ନାମ ହେଲା ଲୁଙ୍ଗିଆ କୁଜୁର, ପ୍ରେମିକା ଏକ୍କା, ସଞ୍ଜୟ ରାମ, ଯଶିନ୍ତା ଭୂମିଜ, ଶାନ୍ତି ଓରାମ୍, କେଶବତୀ ସିଂ, ଆଶା ସମାସୀ । ଏହି ଚଢ଼ଉରେ ଓଆଇସି ରାଉରକେଲା–୨ ଇଦ୍ରୀଷ ହୁସେନ, ଏସ୍.ଆଇ ଅଜୟ ପ୍ରଧାନ, ଓଆଇସି ରାଉରକେଲା –୧ ଆକାଶ ସାହୁ, ଏଏସଆଇ ବିଦୂତ ଭୂଷଣ ଦାସ, ଏଏସ୍‌ଆଇ କୁମାରୀ ଯେମାମଣୀ କିସାନ, ଏଏସ୍‌ଆଇ ଲକ୍ଷ୍ମୀ ପଣ୍ଡା, ଶ୍ରୀନିବାସ ବିଶୋଇ, ସୌମ୍ୟ ରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ସ୍ୱାଇଁ, ସପନ ସାହୁ, ରେଣୁ କିରୋ, ହେମମଞ୍ଜରୀ ବିଶ୍ୱାଳ, କୁମାରୀ ପ୍ରଧାନ, ବିକ୍ଟୋରିଆ ଡୁଙ୍ଗଡୁଙ୍ଗ, ନିରଞ୍ଜନ ରାଉତ, ଆକାଶ ପଟେଲ, ବବୁଲ ସ୍ୱାଇଁ, ତ୍ରିଲୋଚନ ପାଢ଼ୀ, ଅମର ମହାରଣା, ଲକ୍ଷ୍ମୀ ପାଣିଗ୍ରାହୀ ଆଦି ସାମିଲ୍ ଥିଲେ ।

# ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

**ଖଲ୍ଲିକୋଟ, ନ୍ୟୁଜ୍ ବ୍ୟୁରୋ**

ଘରୁ ବାହାରୁ ବାହାରୁ ଖଣ୍ଡାରେ ହାଣି ପକାଇଲେ । କେହି କିଛି ବୁଝିବା ପୂର୍ବରୁ ଚୋଟ ପରେ ଚୋଟ ପକାଇ ଗାଁ ଦାଣ୍ଡ ରକ୍ତରଞ୍ଜିତ କରିଦେଲେ । ଖଲ୍ଲିକୋଟ ଥାନା ଅନ୍ତର୍ଗତ ହରିପୁର ଗାଁରେ ବୁଧବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ଏପରି ବୀଭତ୍ସ ହତ୍ୟା କରାଯାଇଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତୁଳସୀପୁର ପଞ୍ଚାୟତର ନାଏବ ସରପଞ୍ଚ ମିନତି କୁମାରୀ ଦାସଙ୍କ ସ୍ୱାମୀ ରବୀନ୍ଦ୍ର ଦାସଙ୍କୁ ଦୁର୍ବୃତ୍ତମାନେ ଗାଁ ଦାଣ୍ଡରେ ସର୍ବସମ୍ମୁଖରେ ଖଣ୍ଡାରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି । ହତ୍ୟା ପରେ ସେମାନେ ଘଟଣାସ୍ଥଳରେ ବୋମାମାଡ଼ କରି ରବୀନ୍ଦ୍ରଙ୍କ ମୋବାଇଲ ଓ ବୁଲେଟ୍ ବାଇକ୍ ଲୁଟି ନେଇଛନ୍ତି । ଏହି ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଖବରପାଇ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଓ ଏସଇ ଦେବଦତ୍ତ ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଖୋର୍ଦ୍ଧାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଥିଲେ । ପୂର୍ବ ପାରିବାରିକ ଶତ୍ରୁତାକୁ ନେଇ ଦୁଇ ସହଯୋଗୀଙ୍କ ସହ ମିଶି ରବିଙ୍କ ଦୁଇ ପୁତୁରା ଏହି ନାରକୀୟ କାଣ୍ଡ ଘଟାଇଥିବା ନେଇ ଅଭିଯୋଗ ହୋଇଥିବା ଏସ୍‌ଡିପିଓ ଶ୍ରୀ ଘଡ଼େଇ ସୂଚନା ଦେଇଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି । ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହେବ ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି । ଏନେଇ ଖଲ୍ଲିକୋଟ ଥାନା କେସ୍ ନମ୍ବର ୧୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ପୋଲିସ ସୂଚନାନୁଯାୟୀ, ମୃତ ରବୀନ୍ଦ୍ର ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ । ତାଙ୍କ ବିରୋଧରେ ଖଲ୍ଲିକୋଟ ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଛି । ଗାଁରେ ବେଆଇନ୍ ମଦ କାରବାର ଚଳାଉଥିବା ବେଳେ ନିଜ ପୁତୁରାମାନଙ୍କ ସହ ତାଙ୍କର ବ୍ୟବସାୟିକ ଶତ୍ରୁତା ରହିଥିଲା । ଗତ ନଭେମ୍ବରରେ ପୁତୁରାମାନଙ୍କ ଉପରେ ବୋମାମାଡ଼ କରିଥିବା ଅଭିଯୋଗରେ ରବି ଜେଲ୍ ଯାଇ ୩ ମାସ ତଳେ ଜାମିନ୍‌ରେ ଆସିଥିଲେ । ସେହିଦିନଠାରୁ ରବି ନିଜ ପତ୍ନୀ ମିନତିଙ୍କ ସହିତ କଞ୍ଚାରେ ରହୁଥିଲେ । ମଙ୍ଗଳବାର ମିନତିଙ୍କ ସହ ସେ କମଳାପଦର ଗ୍ରାମରେ ଏକ ଭୋଜିରେ ଯୋଗଦେବା ପାଇଁ ଆସିଥିଲେ । ରାତିରେ ବିଳମ୍ବ ହେବାରୁ ରବି ହରିପୁରରେ ରହିଯାଇଥିଲେ । ତେବେ ସକାଳେ କଞ୍ଚା ଫେରିବା ପାଇଁ ଘରୁ ବାହାରିବା ମାତ୍ରେ ରବିଙ୍କୁ ୪ଜଣ ସଂଘବଦ୍ଧ ଭାବେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ମୁଣ୍ଡକୁ ବାରମ୍ବାର ଖଣ୍ଡା ଅକ୍ରମଣ କରିବାରୁ ରବି ଘଟଣାସ୍ଥଳରେ ହିଁ ଟଳିପଡ଼ିଥିଲେ । ଏହାପରେ ଦୁର୍ବୃତ୍ତମାନେ ବୋମାମାଡ଼ କରି ମୃତ ରବିଙ୍କ ବୁଲେଟ୍ ଓ ମୋବାଇଲ୍ ଲୁଟି ନେଇ ଚମ୍ପଟ ମାରିଥିବା ନେଇ ମିନତି ଅଭିଯୋଗ କରିଛନ୍ତି ।

# ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୭।୩।୨୦୨୫, ଫାଲ୍ଗୁନ ଦି୨୪ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୦୨।୪୧ ଚନ୍ଦ୍ରୋଦୟ- ଦିଘ ୧୧।୩୪।୦୮**

**ଅଷ୍ଟମୀ-** ଦିଘ ୯।୧୯ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ରାଘ ୧୧।୩୩ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୧୧।୪୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୧୧।୪୬ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ଦିଘ ୧୧।୪୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୯।୧୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଘ ୬।୫୨ ମଧ୍ୟେ, ଦିଘ ୧୨।୨୧ ଗତେ ଘ ୨।୪୨ ମଧ୍ୟେ । **ପର୍ବୋତ୍ସବ-** କର୍ମବୀର ଗୌରୀଶଙ୍କର ରାୟଙ୍କ ତିରୋଧାନ ଦିବସ ।



**ମେଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ । ମାଙ୍ଗଳିକ କାମ ସକାଶେ ଯାତ୍ରା କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ଦେଖାଦେଇପାରେ । ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହୋଇପାରନ୍ତି । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମିଥୁନ:** ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ ।



**କର୍କଟ:** ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଧନ ଲାଭ ହେବ । ପରୋପକାରୀ ହେବେ। ଦେହ ଓ ମନ ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ସିଂହ:** ଚାକିରୀ କ୍ଷେତ୍ରରେ କର୍ମତତ୍ପରତା ପ୍ରକାଶ ପାଇବ । ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।



**କନ୍ୟା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅଶାନ୍ତି ଦେଖାଦେବ । ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ।



**ତୁଳା:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । କାର୍ଯ୍ୟ କ୍ଷେତ୍ରରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଆୟରେ ଉନ୍ନତି ଦେଖାଦେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା । ଶରୀର ସୁସ୍ଥ ରହିବ ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ମାଙ୍ଗଳିକ କାର୍ଯ୍ୟ ସହିତ ଦେବ ଦର୍ଶନର ସୁଯୋଗ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ । ମନ ଭଲ ରହିବ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଶତ୍ରୁ ନାଶ ହେବେ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟ କୁ ନେଇ ଚିନ୍ତିତ ହୋଇପାରନ୍ତି । ଆୟ ଓ ବ୍ୟୟର ପିରମାଣ ସ୍ଥିର ରହିବ । ମନ ଅସ୍ଥିର ରହିବ।



**ମୀନ:** ଅନେକ କ୍ଷେତ୍ରରେ ବିଜୟୀ ହେବେ । ଅଟକି ରହିଥିବା କାମ ଆରମ୍ଭ ହେବ । ରୋଜଗାର ଭଲ ହେବ । ଆଜି ବନ୍ଧୁ ମିଳନ ହେତୁ ଆନନ୍ଦ ଆସିବ । ପାରିବାରିକ ଜୀବନ ସୁଖମୟ ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୮।୩।୨୦୨୫, ଫାଲ୍ଗୁନ ଦି୨୫ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୦୧।୫୩ ଚନ୍ଦ୍ରୋଦୟ- ଦିଘ ୧୨।୩୪।୧୦**

**ନବମୀ-** ଦିଘ ୮।୧୭ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ରାଘ ୧୧।୨୯ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଦ୬୦ଣ୍ଡ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୮।୧୭ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଘ ୧୦।୨୯ ଗତେ ଘ ୧।୦୮ ମଧ୍ୟେ, ରାଘ ୮।୧୭ ଗତେ ଘ ୧୦।୪୩ ମଧ୍ୟେ । **ପର୍ବୋତ୍ସବ-** ଆନ୍ତର୍ଜାତୀୟ ମହିଳା ଦିବସ ।




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008





୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୪୦ ● ୭ ମାର୍ଚ୍ଚ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-40 ● 7th March 2025, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


# ଏକ କୋଟି ମହିଳାଙ୍କ ପାଖେ ପହଞ୍ଚିଲା ସୁଭଦ୍ରା

ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ଓଡିଶା ସରକାରଙ୍କର ସର୍ବବୃହତ ମହିଳା କଲ୍ୟାଣକାରୀ ଯୋଜନା 'ସୁଭଦ୍ରା'ର ପ୍ରଥମ କିସ୍ତି ବିତରଣର ପଞ୍ଚମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ୟୁଟିଉବ୍ ଲାଇଭରେ ଓଡ଼ିଶାର ଜନସାଧାରଣଙ୍କ ସହ ସିଧାସଳଖ କଥା ହୋଇ ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟରେ ୨ ଲକ୍ଷ ୩୪ ହଜାରରୁ ଊର୍ଦ୍ଧ୍ୱ ମା' ଓ ଭଉଣୀ ମାନଙ୍କୁ ପ୍ରଥମ କିସ୍ତି ୫୦୦୦ ଟଙ୍କା ଲେଖାଏଁ ମୋଟ ୧୧୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡ଼ିବିଟି ମାଧମରେ ପ୍ରେରଣ କରିଛନ୍ତି । ମହିଳା ସଶକ୍ତିକରଣର ଏହି ଜନକଲ୍ୟାଣକାରୀ ପ୍ରୟାସରେ ସୁଭଦ୍ରା



ହେଉଛି ଏକ ଉଲ୍ଲେଖନୀୟ ପ୍ରୟାସ। ସୁଭଦ୍ରା ମା'ଙ୍କ କୃପାରୁ ଆଜି ଆମେ ସୁଭଦ୍ରା ଯୋଜନାର ଏତେ ବଡ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଶୁକ୍ରବାର ଘରେ ଘରେ ଥିବା ସମସ୍ତ ସୁଭଦ୍ରା ତଥା ମା' ଓ ଭଉଣୀମାନଙ୍କୁ ଦୀପ ଜଳାଇବା ପାଇଁ ଅନୁରୋଧ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା।

ଆଭାଷୀ ମାଧ୍ୟମରେ ଉପ- ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସମାଜସେବୀ ଓ ହିତାଧିକାରୀମାନଙ୍କ ସହ ସିଧାସଳଖ କଥାବାର୍ତ୍ତା ହୋଇ ଓଡ଼ିଶାର ମହିଳାମାନଙ୍କ ଆର୍ଥିକ ସମୃଦ୍ଧି ଓ ସମ୍ମାନ ବୃଦ୍ଧି ପାଇଁ ସୁଭଦ୍ରା ଓଡ଼ିଶାରେ ଯୁଗାନ୍ତକାରୀ ଏବଂ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି ଉଲ୍ଲେଖ (ପୃଷ୍ଠା ୭ରେ)

# ଏକ ସୁସ୍ଥ ଭବିଷ୍ୟତ ପାଇଁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ

ନୂଆଦିଲ୍ଲୀ, ୬।୩

ସହଜ ଏବଂ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ବ୍ୟବହାରକୁ ପ୍ରୋତ୍ସାହିତ କରିବା ତଥା ଏ ବାବଦରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ମାର୍ଚ୍ଚ ୭ ତାରିଖକୁ 'ଜନ ଔଷଧି ଦିବସ' ଭାବରେ ପାଳନ କରାଯାଉଛି। ଚଳିତ ବର୍ଷ ଦେଶରଜାତୀୟ ରାଜଧାନୀ କ୍ଷେତ୍ର ଦିଲ୍ଲୀଠାରେଏବିଷୟରେ ସଚେତନତା ସୃଷ୍ଟି ପାଇଁ ମାର୍ଚ୍ଚ ୧ରୁ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

ପ୍ରଥମ ଦିନରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଥ ଏବଂ ଯାନବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ଜନଆରୋଗ୍ୟ ମେଳା ସହିତ ଐତିହ୍ୟ ପଦଯାତ୍ରା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ୫୦୦+ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନରେ ପିଲାମାନଙ୍କ ଅଂଶଗ୍ରହଣ ଏବଂ ପୁଷ୍ଟିକର ଉତ୍ପାଦ ବଣ୍ଟନ ଉପରେ ଧ୍ୟାନ ଦିଆଯାଇଥିଲା। ଚତୁର୍ଥ ଦିନରେ ଜନଔଷଧି ଉତ୍ପାଦର ସୁଲଭତା ପ୍ରଦର୍ଶନ



କରିବା ପାଇଁ ସାନିଟାରୀ ପ୍ୟାଡ୍ ବଣ୍ଟନରେ ମହିଳାମାନଙ୍କ ସମ୍ପୃକ୍ତି ଉପରେ ଆଲୋକପାତ କରାଯାଇଥିଲା। ପଞ୍ଚମ ଦିନରେ ୩୦ଟି ସହରରେ ଫାର୍ମାସିଷ୍ଟ ସଚେତନତା ସେମିନାର ଆୟୋଜନ କରାଯାଇଥିଲା। ଷଷ୍ଠ ଦିନରେ ଜନ ଔଷଧି ମିତ୍ର ସ୍ୱେଚ୍ଛାସେବକ ପଞ୍ଜିକରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା ଏବଂ ସପ୍ତମ ଦିନରେ ଜନଔଷଧି ଦିବସ ପାଳନ କରାଯାଇଛି। ଶୁକ୍ରବାର ଏହି କାର୍ଯ୍ୟକ୍ରମର ଉଦ୍ଯାପନୀ ସହ ଜନଔଷଧି ଦିବସ ପାଳନ କରାଯିବ।

'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପ୍ରକଳ୍ପ' ନଭେମ୍ବର ୨୦୦୮ ରେ କେନ୍ଦ୍ରୀୟ ଫାର୍ମା ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ସହିତ ମିଳିତ ଭାବରେ ଔଷଧ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିଲା। ଉତ୍ସର୍ଗୀକୃତ ଆଉଟଲେଟ୍ ମାଧ୍ୟମରେ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହି ଆସିଛି। ପ୍ରତି ବର୍ଷ ଯେଉଁ ସଚେତନତା ଆୟୋଜନ କରାଯାଉଛି ତାହାର ଉଦ୍ଦେଶ୍ୟ ଭିତରେ ଜେନେରିକ୍ ଔଷଧର ପ୍ରେସକ୍ରିପସନକୁ ଉତ୍ସାହିତ କରିବା ବି ସାମିଲ ରହିଛି। ଅର୍ଥାତ୍ ସ୍ୱାସ୍ଥ୍ୟସେବା (ପୃଷ୍ଠା ୭ରେ)

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ



ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଠାରୁ ଆରମ୍ଭ ହେଉଛି। ଏହି ପର୍ଯ୍ୟାୟରେ ଅଧିବେଶନ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ନେଇ ଆଲୋଚନା ସହିତ ବ୍ୟୟ ମଞ୍ଜୁରୀ ବିଧେୟକ ପାରିତ ହେବାର କାର୍ଯ୍ୟକ୍ରମ ରହିଛି ।

ଶୁକ୍ରବାର ବିଧାନସଭାରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୮ ଓ ୯ ତାରିଖ ଦ୍ୱିତୀୟ ଶନିବାର ଓ ରବିବାର ପାଇଁ ଅଧିବେଶନ ବନ୍ଦ ରହିବ। ଏହାପରେ ମାର୍ଚ୍ଚ ୧୦ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ। ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ।

ସୂଚନାଯୋଗ୍ୟ ଯେ ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ୨୦୨୫ ଫେବ୍ରୁୟାରୀ ୧୩ରୁ ଫେବ୍ରୁୟାରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ ।

# ସରକାରୀ ବାସଭବନରେ ଗୃହ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସପରିବାର ସହିତ ଭୁବନେଶ୍ୱରରେ ଥିବା ତାଙ୍କ ନୂତନ ସରକାରୀ ବାସଭବନରେ 'ଗୃହ ପ୍ରବେଶ' କରିଛନ୍ତି।

ରାଜଭବନ-ଏଜି ଛକ ମଧ୍ୟରେ ଥିବା ଏହି ସରକାରୀ ବାସଭବନରେ ମୁଖ୍ୟମନ୍ତ୍ରୀ ପ୍ରବେଶ କରିବା ପୂର୍ବରୁ ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ।

ଗୃହ ପ୍ରବେଶ ପୂଜା କରିବା ପାଇଁ ପୁରୀରୁ ୧୧ ଜଣ ବ୍ରାହ୍ମଣ ଆସି ପୂଜା କରିଥିଲେ। ଗୃହ ପ୍ରବେଶ ପୂର୍ବରୁ ଗୋପୂଜା କରାଯାଇଥିଲା ଏବଂ ତା'ପରେ ଗୃହ ପ୍ରବେଶ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ସମ୍ପୂର୍ଣ୍ଣ ପରିବାର ସହିତ ନୂତନ ଘରେ ପ୍ରବେଶ କରିଥିଲେ।

ଗୁରୁବାର ପୂର୍ବାହ୍ନ ୧୦:୪୭ରେ



ମୁଖ୍ୟମନ୍ତ୍ରୀ ଗୃହପ୍ରବେଶ କରିଛନ୍ତି । ୨ ମହଲା ବିଶିଷ୍ଟ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନେକ ସମ୍ମିଳନୀ କକ୍ଷ, ଏକ ୱାଚ ଟାୱାର ଏବଂ ଘର ସାମ୍ନାରେ ଏକ ବଡ଼ ବଗିଚା ଅଛି।

ମୁଖ୍ୟମନ୍ତ୍ରୀଙ୍କ କ୍ୱାର୍ଟରର ନବୀକରଣ ଗତ ୮ ମାସ ଧରି ଚାଲିଥିଲା। ଏହି କ୍ୱାର୍ଟରଟି ଗତ ୨୬ ବର୍ଷ ଧରି ଅବ୍ୟବହୃତ ହୋଇ ପଡ଼ି ରହିଥିଲା। ଏଠାରେ ଶେଷ ଥର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଗିରିଧର ଗମାଙ୍ଗ ରହିଥିଲେ।

# ସରିଲା ମାଟ୍ରିକ ପରୀକ୍ଷା : ମାର୍ଚ୍ଚ ୧୯ରୁ ଖାତା ଦେଖା, ମେ'ରେ ରେଜଲ୍ଟ

କଟକ, ୬।୩

ନ୍ୟୁଜ୍ ବ୍ୟୁରୋ

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶେଷ ହୋଇଛି ମାଟ୍ରିକ ପରୀକ୍ଷା । ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ମୁତାବକ ମେ' ପ୍ରଥମ ସପ୍ତାହରେ ଆସିବ ମାଟ୍ରିକ ରେଜଲ୍ଟ। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମାର୍ଚ୍ଚ ୧୯ରୁ ଖାତା ଦେଖା ଆରମ୍ଭ ହେବ । ମେ ମାସ ପ୍ରଥମ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ । ଉଲ୍ଲେଖ ଥାଉ କି ଚଳିତ ବର୍ଷ ମାଟ୍ରିକ୍, ମଧ୍ୟମା, ମୁକ୍ତବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫,୨୨,୩୩୬ ଜଣ ଫର୍ମପୂରଣ କରିଥିବା ବେଳେ ତିନିଟିଯାକ ପରୀକ୍ଷା ପାଇଁ ୩୧୩୩ ଟି ପରୀକ୍ଷାକେନ୍ଦ୍ର ଚୟନ କରାଯାଇଥିଲା । ସେହିପରି ପ୍ରଶ୍ନପତ୍ର ରଖିବା ପାଇଁ ୨୧ଟି ଥାନା, ଗୋଟିଏ ବିଟ



ହାଉସକୁ ମିଶାଇ ମୋଟ ୩୧୪ଟି ନୋଡାଲ ସେଣ୍ଟର କରାଯାଇଥିଲା । ଚଳିତ ବର୍ଷ ପ୍ରଥମ ଥର ପାଇଁ ବୋର୍ଡ ପକ୍ଷରୁ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ କ୍ୟୁଆର କୋଡ ବ୍ୟବସ୍ଥା କରାଯାଇଥିଲା । ପ୍ରଶ୍ନପତ୍ରର ସବୁ ପୃଷ୍ଠାରେ, ଏପରିକି ପ୍ରତି ପ୍ରଶ୍ନରେ ଏହି କ୍ୟୁଆର କୋଡ ରହିଛି। ଯଦି କୌଣସି ବ୍ୟକ୍ତି ମୋବାଇଲ ବା ଅନ୍ୟ କୌଣସି ଉପକରଣ ସହାୟତାରେ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କରି ଭାଇରାଲ କରିବାକୁ ଉଦ୍ୟମ କରନ୍ତି, ତେବେ ଏହା କେଉଁ ସେଣ୍ଟରରୁ ଆଉ କେଉଁ ପରୀକ୍ଷା (ପୃଷ୍ଠା ୭ରେ)

# ଗଞ୍ଜାମରେ ହେବ ଦୁଇଟି ବଡ ସଡ଼କ ପ୍ରକଳ୍ପ

ଛତ୍ରପୁର, ୬।୩ : ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଆଗାମୀ ଦିନରେ ଦୁଇଟି ବଡ ସଡ଼କ ପ୍ରକଳ୍ପ ହେବାକୁ ଯାଉଛି ବୋଲି ଛତ୍ରପୁର ଗସ୍ତରେ ଆସିଥିବା ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୋନାପୁରରୁ ଭାୟା ଗୋପାଳପୁର ହୋଇ ଋଷିକୁଲ୍ୟା ମୁହାଣ ପାଖାପାଖି ୩୭ କିମି ପ୍ରର୍ଯ୍ୟନ୍ତ ମେରାଇନ୍ ଡ୍ରାଇଭ ରୋଡ ନିର୍ମାଣ ହେବ। ଯାହାକି ପର୍ଯ୍ୟଟକ ମାନଙ୍କ ପାଇଁ ବିଶେଷ ସହାୟକ ହେବ ଏବଂ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ବଡ ଭୂମିକା ଗ୍ରହଣ କରିବ। ଏହାର ପ୍ରାଥମିକ କାମ ଦୁଇ ମାସ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି । ସେହିପରି ଓଡିଶାର ଯେଉଁ ଗ୍ରାଣ୍ଡ ଡ୍ରିମ ରୋଡ ପରିପ୍ରକଳ୍ପନା କରାଯାଇଛି ତାର ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରରୁ ଜୟପୁର ଯାହାକି ଏକ ହାଇ ସ୍ପିଡ ରାସ୍ତା ହେବ ।



୮ ଘଣ୍ଟାର ରାସ୍ତାକୁ ସାଢେ ୩ ଘଣ୍ଟାରେ କଭର କରାଯାଇପାରିବ। ସେହି ରାସ୍ତାର ଶିଳାନ୍ୟାସ ଦୁଇରୁ ତିନି ମାସ ମଧ୍ୟରେ ହେବାକୁ ଯାଉଛି । ଏହି ରାସ୍ତା ହେଲେ ବାଣିଜ୍ୟ ପରିବହନ ସମେତ ଯାତାୟତ ସୁବିଧା ହୋଇପାରିବ। ଜୟପୁର, କୋରାପୁଟ ସହିତ ଗୋପାଳପୁର ପୋର୍ଟ ଏବଂ ବ୍ରହ୍ମପୁର ସହରକୁ ବିଶେଷ କରି ଏନଏଚକୁ ଯୋଡିବା ପାଇଁ ଏକ ପ୍ରମୁଖ ରାସ୍ତା ହେବ । ଏହି ସବୁ କାମ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଥିଲେ।

# ଆମେରିକା ପରେ ଏବେ ବେଆଇନ ପ୍ରବାସୀଙ୍କୁ ବିତାଡ଼ିତ କରିବ ୟୁକେ

ଜଲନ୍ଧର, ୬।୩

ଆମେରିକା ପରେ ଏବେ ୟୁକେରୁ ନିର୍ବାସନ ପାଇଁ ପ୍ରସ୍ତୁତି ଚାଲିଛି । ୟୁକେର ଲେବର ସରକାର ବେଆଇନ ପ୍ରବାସୀମାନଙ୍କ ବିରୋଧରେ ଏକ ବିଶାଳ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ଭାରତୀୟ ରେଷ୍ଟୁରାଣ୍ଟ, ନେଲ ବାର୍, ତେଜରାତି ଦୋକାନ ଏବଂ କାର ୱାସ ପରି ଛୋଟ ବ୍ୟବସାୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି।

ନିକଟରେ ୮୨୮ ସ୍ଥାନରେ ଚଢଉ କରାଯାଇଥିଲା । ଏଥିରେ ୬୦୯ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ହୋଇଥିବା ଅଧିକାଂଶ ଲୋକ ପଞ୍ଜାବୀ, ଯେଉଁମାନେ ଅଧ୍ୟୟନ କିମ୍ବା ଟୁରିଷ୍ଟ ଭିସା ନେଇ ୟୁକେ ଯାଇଥିଲେ। ସେମାନଙ୍କର ଭିସା ଅବଧି ଶେଷ ହେବା ପରେ ମଧ୍ୟ ସେମାନେ ବେଆଇନ ଭାବେ ବ୍ରିଟେନରେ ରହିଥିଲେ।



ଉତ୍ତର ଇଂଲଣ୍ଡର ହମ୍ବରସାଇଡରେ ଥିବା ଏକ ଭାରତୀୟ ରେଷ୍ଟୁରାଣ୍ଟ ଉପରେ ଚଢଉ କରାଯାଇ ୭ ଜଣଙ୍କୁ ଗିରଫ କରାଯାଇଛି, ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଜେଲ ପଠାଇ ଦିଆଯାଇଛି । ଲେବର ସରକାର କ୍ଷମତାକୁ ଆସିବା ପରେ ପ୍ରାୟ ୧୯,୦୦୦ ବିଦେଶୀ ଅପରାଧୀ ଏବଂ ବେଆଇନ ପ୍ରବାସୀଙ୍କୁ ଦେଶରୁ ବିତାଡିତ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ପଞ୍ଜାବୀ। ଏହି କଠୋର କାର୍ଯ୍ୟାନୁଷ୍ଠାନର ପରିଣାମସ୍ୱରୂପ ବେଆଇନ ପ୍ରବାସୀଙ୍କୁ ରୋଜଗାର ଦେଉଥିବା ନିଯୁକ୍ତିଦାତାଙ୍କ ଉପରେ ମଧ୍ୟ ଜରିମାନା ଲାଗୁ କରାଯାଇଛି । ଜଣେ ବେଆଇନ କର୍ମଚାରୀ ନିଯୁକ୍ତି ପାଇଁ ମାଲିକଙ୍କୁ ୬୦,୦୦୦ ପାଉଣ୍ଡ(୬୦ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିପାରେ।

ୟୁକେରେ ରହୁଥିବା କିରପାଲ ସିଂହ କହିଛନ୍ତି ଯେ, ଏହି ପଦକ୍ଷେପ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ନିର୍ବାସନ ନୀତି ସହିତ ମେଳ ଖାଉଛି, ଯିଏକି ନିକଟରେ ବେଆଇନ ପ୍ରବାସୀଙ୍କ ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ (ପୃଷ୍ଠା ୭ରେ)

# ମନ୍ଦାକିନୀ କର ବହିଷ୍କୃତ



ଭୁବନେଶ୍ୱର, ୬।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷ ହେଲେ ଦାୟିତ୍ୱମୁକ୍ତ। ଗୁରୁବାର ମନ୍ଦାକିନୀ କରଙ୍କୁ ଅଧ୍ୟକ୍ଷ ପଦରୁ ବହିଷ୍କାର କରାଯାଇଛି। ଏଥିସହିତ ଆୟୋଗର ୫ ସଦସ୍ୟ ମଧ୍ୟ ବହିଷ୍କୃତ ହୋଇଛନ୍ତି। ଗତ ନଭେମ୍ବରରେ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତାଙ୍କ ବିରୋଧରେ ଆସିଥିବା (ପୃଷ୍ଠା ୭ରେ)

# ଏକାଳ ପଖାଳ



ଚାରିଆଡେ ସବୁ ଫୁସୁରୁ ଫାସର
ଖାଇଗଲେ ପୂରା ମଣ୍ଡି
ତାଗିଦ୍ ପହରା କଡ଼ା ଥିଲା କାଳେ
ଏବେ ପୂରା ଚୁପ୍ ତୁଣ୍ଡି
ହେବା ଲଣ୍ଡା କିବା ଲାଣ୍ଡି
ମିଛ ସତ ଅଲଗା କରିବା ଚକ୍କରେ
ଖୋଚରିବ କାଠ ଗଣ୍ଡି।

# ୟୁପିଆଇରେ ବଡ ପରିବର୍ତ୍ତନ : ଏପ୍ରିଲ ୧ରୁ ନୂଆ ନିୟମ ଲାଗୁ




ନୂଆଦିଲ୍ଲୀ, ୬।୩

ୟୁପିଆଇ ସାହାଯ୍ୟରେ ଅଧିକାଂଶ ଲୋକେ ଖୁବ କମ ସମୟ ଓ ସହଜରେ ଟଙ୍କା ନେଣଦେଣ କରିଥାନ୍ତି । ମାତ୍ର ବର୍ତ୍ତମାନ ୟୁପିଆଇକୁ ନେଇ ଏକ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନ୍‌ପିସିଆଇ) ୧ ଏପ୍ରିଲ ୨୦୨୫ରେ ଲାଗୁ ହେବାକୁ ଯାଉଥିବା ନିୟମ ଜାରି କରିଛି । ୟୁପିଆଇର ସୁରକ୍ଷା ବୃଦ୍ଧି କରିବା ପାଇଁ ଏନପିସିଆଇ ଏହି ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି ।

ଏନ୍‌ପିସିଆଇ ନିଜର ଅଫିସିଆଲ ପୋର୍ଟାଲରେ ନୂଆ ଅପଡେଟ ଜାରି କରିଛି।

ବ୍ୟାଙ୍କ ସେହି ମୋବାଇଲ ନମ୍ବରକୁ ନିୟମିତ ରୂପରେ ଡିଲିଟ କରିବେ, ଯାହା ବନ୍ଦ ହୋଇ ସାରିଛି । କିମ୍ବା ବ୍ୟବହାର କରାଯାଉନାହିଁ । ଏହି ଅପଡେଟ ସପ୍ତାହକୁ ଥରେ ନିଶ୍ଚୟ କରାଯିବ । ନୂଆ ନିୟମ ସାହାଯ୍ୟରେ ଏନପିସିଆଇ ଭୁଲ ଟଙ୍କା ନେଣଦେଣକୁ ରୋକି ପାରିବ । ଏହାସହ ୟୁପିଆଇ ପେମେଣ୍ଟ ସିଷ୍ଟମକୁ ଅଧିକରୁ ଅଧିକ ସୁରକ୍ଷିତ କରି ପାରିବ । ଏହି ନୂଆ ନିୟମ ଆସନ୍ତା ମାସ ଅର୍ଥାତ ୧ ଏପ୍ରିଲରୁ ଲାଗୁ ହେବ।

ଗତ ବର୍ଷ ଜୁଲାଇରେ ଏନପିସିଆଇର ଏକ ବୈଠକ ହୋଇଥିଲା। ଏନସିସିଆଇ ୧୬ ଜୁଲାଇରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନେଇଥିବା ନିଷ୍ପତ୍ତି (ପୃଷ୍ଠା ୭ରେ)

# ପୁଣି ଲେଉଟିଲା ଶୀତ: ଦିନରେ ତାପମାତ୍ରା ୩୧ ଡିଗ୍ରୀ ରାତିରେ ୮ ଡିଗ୍ରୀ




ଘୁ.ଉଦୟଗିରି, ୬।୩

ନ୍ୟୁଜ୍ ବ୍ୟୁରୋ

ଚଳିତ ମାସ ଆରମ୍ଭରୁ ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଆରମ୍ଭ ହେବା ସହ ତାପମାତ୍ରା ଉପର ମୁହାଁ ହୋଇ ପ୍ରବଳ ରୌଦ୍ରତାପ ଆରମ୍ଭ ହୋଇଯାଇଥିବା ବେଳେ କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ଅଞ୍ଚଳରେ କିନ୍ତୁ ଭିନ୍ନ ଏକ ପରିବେଶ ଅନୁଭୂତ ହେଉଛି।

ଦିନରେ ପ୍ରବଳ ଖରା ହେଉଥିବାବେଳେ ରାତିରେ ଥଣ୍ଡା ହେଉଛି । ଗୁରୁବାର ଘୁ.ଉଦୟଗିରି ସହରର ସର୍ବୋଚ୍ଚ ତାପମାତ୍ରା ୩୧.୨ଡିଗ୍ରୀ ଏବଂ ରାତିରେ ୮.୮ଡିଗ୍ରୀ ରେକର୍ଡ କରାଯାଇଥିବା ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ (ପୃଷ୍ଠା ୭ରେ)

## ସେ କେଉଁ ଚାହାଣୀ ତଳେ

ରାଜଲକ୍ଷ୍ମୀ ତ୍ରିପାଠୀ



କଅଁଳ ଖରାର ପରଶ ପାଇଲେ ବଣଫୁଲ ମନ ଛୁଏଁ
ମରମ କଥାଟି ସଜାଇ କହିଲେ ପରାଣ ଥରାଇ ଦିଏ
ଲୁଚାଇ ରଖିଛି ଅନ୍ତର ତଳେ ଯେ ପୁରୁଣା ଦିନର ଗାଥା
ତରୁଣ ବସନ୍ତ କେବେ ଆସିଥିଲା ନୁଆଇଁ ଦେଲା ସେ ମଥା ।

ଓଠରେ ଫୁଟାଇ ମାଳତୀର ହସ ପାହାନ୍ତି ସକାଳ ଦେଖି
ନିଛାଟିଆ ସଞ୍ଜ ତାରାମେଳେ ଖୋଜେ କେଉଁଠି ଅଛି ତା 'ସଖୀ
ଆଚମ୍ବିତ ହେଲେ କୁସୁମ ପଳାସ ସପନ ଅଧୀର ହୋଇ
ଶୂନଶାନ ସେଇ ଦିନ ଦିପହରେ ମେଘ ଅନ୍ଧାର ଛାଇ ।

କେତେ ପରିହାସ ଦରଫୁଟା ହସ ମଧୁର ଡାକର ରାଣୀ
କେତେ ସମ୍ବୋଧନ କେଉଁଠି ଲୁଚିଲା ଖୋଜିଛି କେତେ ଶ୍ରାବଣୀ
କା'ପାଇଁ ଅଲୋଡ଼ା ହୋଇପାରେ ସିଏ ହୃଦୟ ମୋ ଲୋଡ଼େ ତାକୁ
କାକର ମୋତିର ହୃଦହାର ପିନ୍ଧି ଶିହରି ଦିଏ ପ୍ରାଣକୁ ।

ସେ କେଉଁ ଚାହାଣୀ ବେଦନା -ବିଧୂର କବାଟ ଫାଙ୍କରେ ଦିଶେ
ଭୁଲିବି କିପରି ଅନ୍ତର ଭିତରେ ନିତି ରୂପ ତା'ର ଆସେ ।

ମୋ-୮୨୪୯୪୦୮୧୭୭

## ତୁମେ

ରମାକାନ୍ତ ଦାସ



ତୁମେ ,
ଚନ୍ଦ୍ରମାର ଶୀତଳ ଜୋଛନା
ମୋ ମନର ପ୍ରେମଭରା ଭାବନା ।।

ତୁମେ ,
ମୋ ହୃଦୟର ପ୍ରତି ସ୍ପନ୍ଦନ
ମୋର ସୁନେଲି ସପନ ।।

ତୁମେ ,
ମୋ ଅନ୍ଧାର ରାତିର କିରଣ
ମୋ ପ୍ରତିଟି ଖୁସିର କାରଣ ।।

ତୁମେ ,
ମୋ ମନ ଗହନର ପ୍ରେୟସୀ
ମୋ ସ୍ୱପ୍ନ ପାରିଜାତ ରୂପସୀ ।।

ତୁମେ ,
ଚୋରା ଚଇତିର ପହିଲି ସ୍ପର୍ଶ
ମୋ ଓଠର ସ୍ମିତହାସ୍ୟ ।।

ତୁମେ ,
ଶ୍ରାବଣର ରଙ୍ଗଭରା ବର୍ଷା
ମୋ ପ୍ରେମର ପରିଭାଷା ।।

ତୁମେ,
ଶେଷ ବସନ୍ତର ସମୀରଣ
ମୋ ଦେହର ଶିହରଣ ।।

ତୁମେ ,
ମୋ ବେହିସାବି ହୃଦୟର ଆଶା
ମୋ ପ୍ରକମ୍ପିତ ଓଠର ଭାଷା ।।

ତୁମେ ,
ଇନ୍ଦ୍ରଧନୁର ସାତରଙ୍ଗ
ମୁଁ ଝରଣାର କୁଳୁକୁଳୁ ଶବ୍ଦ।

ତୁମେ,
ମୋ ସ୍ୱପ୍ନର ବାସ୍ତବ ରୂପ
ତୁମବିନା ସବୁକିଛି ବ୍ୟର୍ଥ ।।

ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

## ଅରୂପ ଶକ୍ତି...

ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



ଶେଷ ଶ୍ରାବଣର ମହ୍ଲାରରେ ତୁମେ ଆଶିଷର ଗୁଞ୍ଜରଣ
ସୀମାହୀନ ଏଇ ତୃଷ୍ଣା କାନନେ ତୁମେ ମିଠା ସମୀରଣ
ଶିଖା ସମ ତୁମେ ହୃଦୟ କନ୍ଦରେ ନିରନ୍ତରେ ଜଳୁଥାଅ
ସରି ଯାଇଥିବା ଦୀପର ତଇଳେ ସାଜି କରୁଣାର ଦିଅଁ ।

ଶବ୍ଦର ତୁମେ ଚାରୁ ଶୃଙ୍ଗାର ଭାବର ଅମୃତପଣ
ସୁବର୍ଣ୍ଣ ସକାଳ ତୁମ ଛାୟାରେଖ ଅପୂରୁବ ମନୋରମ
ସୃଜନ ସ୍ୱାକ୍ଷରେ ତୁମେ ସାଜ କେବେ କମନୀୟ କୋଟିକାନ୍ତି
ସଜଳ କଜଳ ବର୍ଣ୍ଣମାଳାର କେବେ ସତ୍ୟ କେବେ ଭ୍ରାନ୍ତି ।

ସତ୍ତ୍ୱ, ରଜ, ତମ ତ୍ରିଗୁଣରେ ତୁମେ ଅରୂପ ଶକ୍ତିଟିଏ
ସଲିଳରେ ପ୍ରାଣ ବୀଜରେ ଜୀବନ ତୁମ କରୁଣାରୁ ଝିଏ
ସେବାରେ, ତ୍ୟାଗରେ, ଦାନରେ, ଧର୍ମରେ ତୁମେ ମରମର ରୂପ
ସୁଖ ଓ ଶାନ୍ତିର ପ୍ରଚ୍ଛନ୍ନରେ ତୁମେ ଐଶ୍ୱର୍ଯ୍ୟର ଭିନ୍ନ ଛାପ ।

ଶକ୍ତି ପାଇଁ ତୁମେ ଆଦ୍ୟମାତା ସାଜି କରୁଣାକୁ ଦିଅ ବଢ଼ାଇ
ସାରା ଦୁନିଆଟା ଖେଳାଅ ଏମିତି ଅଦୃଶ୍ୟ ଶକତି ହୋଇ ।

ଦଶରଥପୁର, ଯାଜପୁର,
୭୫୫୦୦୬, ଫୋନ-୭୩୭୭୩୧୮୭୮୯

## ନାରୀ

ବେବୀଲତା ଶତପଥି



ଅବୁଝା ଗଣିତର ସମାଧାନ
ଅପୂର୍ବ ବୈଦୁତିକ ଶିହରଣ।
ଅଖଣ୍ଡ ଦୀପର ସଳିତା
ଅଭିମାନୀ କବିର ନାୟିକା।
ଅସମାହିତ ବାକ୍ୟର ପ୍ରଶ୍ନବାଚୀ
ଅସମ୍ପୂର୍ଣ୍ଣ ଗଢ଼ା ହେଉଥିବା ମାଟି
କଣ୍ଢେଇ।
ଅବର୍ଣ୍ଣନୀୟ ମାତୃତ୍ୱର ଇସ୍ତାହାର
ଅନେକ ପୂର୍ଣ୍ଣଛେଦର ସମାହାର।
ଅଫେରା ରାଇଜର ହଳଦିବସନ୍ତ
ଅଜସ୍ର ପ୍ରେମ ଭରା ରୋମାଞ୍ଚ।
ଅସହଜ କବିତାର ଶେଷ ପଂକ୍ତି
ଅଲିଖିତ ପୃଷ୍ଠାର ପାଣ୍ଡୁଲିପି।
ଅସଜଡ଼ା ବିକ୍ଷିପ୍ତ ଭାବନା
ଅଫୁରନ୍ତ ବିଚ୍ଛୁରିତ ଲାଲିମା।
ଅସୁମାରୀ ଝିନିଭିନି ସ୍ୱପ୍ନ
ଅଗଲ ବଗଲ ଦୁଇ ଧାଡ଼ିର ଗପ।
ଅମରାବତୀର ନିସ୍ତବ୍ଧ ରାତି
ଅବଗୁଣ୍ଠନର ଲାଜେଇ ମଉନାବତୀ।

ଅନାବନା ଅକ୍ଷରର ବର୍ଣ୍ଣବୋଧ
ଅମା ଅନ୍ଧାରର ରୂପେଲି ଜହ୍ନ।
ଅସଂଖ୍ୟ ଝଡର ବିଗୁଲ
ଆକ୍ରାମାକ୍ରା ପବନରେ ମସଗୁଲ।
ଅମୃତାୟନର ଅନନ୍ୟା ଫୁଲବାରି।
ଅତି ଅଲିଅଳି ସୁକୁମାରୀ।
ସେ ନାରୀ
ସେ ନାରୀ
ସେ ନାରୀ।

କଳିଙ୍ଗ ବିହାର
ଭୁବନେଶ୍ୱର।

## ଖୋଜୁଛିମୁଁ ନିଜକୁ ଆଜି..

ଦେବସ୍ମିତା ବେହେରା

ବେଳେବେଳେ ମୁଁ ଦେଖେ
ଆକାଶର ଟିକିଟିକି ତାରାମାନଙ୍କୁ
ଖୁବ୍ ଚୁପ୍‌ଚାପ୍ ଏକାନ୍ତରେ ବସି
ଆଉ ନିଜେ ନିଜକୁ ଭୁଲାଇ ଦେଇ
ଚେତନାକୁ ଫେରେ
ଦରହସା ପବନର ଅନ୍ଧାର ଭିତରେ,

ସତରେ କେତେ କଥା ଭାବୁଥାଏ ମୁଁ
ଦିନସାରା ମନ ଭିତରେ ଥାଏ ମୋର
ପେନ୍ଥା ପେନ୍ଥା ଭାବନା, ଆଉ...
ଆଳିଆମାଳିଆ ଚିନ୍ତା ସବୁ
ତା'ହେଲେ ମୁଁକାହିଁ...ମୋ ଭିତରେ ?
ଯେବେ ଖୋଜେ ନିଜକୁ ମୁଁ
ମିଛମିଛ ସବୁ ଲାଗେ ସତେ ମାୟା ।

ସମ୍ପର୍କର ଫୁଲସବୁ ସାଉଁଟି
ଗୁନ୍ଥିଛି ମୁଁ ସ୍ନେହମମତାର ଡୋରୀରେ
ସେଥିରେ ଅଛିକେତେ ଓଦା ଆଖି
ଆଉ ଦୀର୍ଘଶ୍ୱାସର ଗଣ୍ଠି ସବୁ
ନା ମୋତେ ମିଳିଛି କିଛି ପାଉଣା
ନା'ମାଗିଛି ଧାରେ ହସ କାହାକୁ
ନିଜେ ଟିକିଏ ହସିବାକୁ;
ତଥାପି ପାଳେ ମୁଁ ସବୁ ପୂଜା ପର୍ବାଣି
ଜାଳେ ନିତି ବତି ଦାଣ୍ଡ ଅଗଣାରେ

ଆଙ୍କେ ଝୋଟି ଚିତା
ମାର୍ଗଶିର ମାସ ପ୍ରତିଗୁରୁବାରେ
ଜାଣିନି କେଉଁ ଭରସାରେ ମୁଁ
ସଜେଇ ଚାଲିଛି ସୁନାର ସଂସାର
ବୋଧହୁଏ ସେହି ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ
ତଥାପି ମୁଁ କରିନାହିଁ ଜପ ଅବା ତପ
କରିନାହିଁ ପ୍ରଭୁଙ୍କ ପାଖେ କିଛି ବୁଝାମଣା ।
କେବେଠୁ ହଜିଛି ମୋ ସ୍ୱପ୍ନ ଜୀବନରେ
ଗୋଟିଏ ଚିରାଚରିତ ଢଙ୍ଗରେ ଚାଲିଛି
ମୋର ଚଳଚଞ୍ଚଳ ଜୀବନ
ସରିସରି ଆସିଲାଣି ଅନେକ ଅଧ୍ୟାୟ



କିଛିଟା ଲିପବଦ୍ଧ ଆଉ କିଛିଟା ଅସ୍ପଷ୍ଟ
ତଥାପି ଅସଜଡା ଜୀବନର ପୃଷ୍ଠା
ଭୂଲିନି ମୁଁ ମୋ ନିଜର ଅସ୍ତିତ୍ୱ
ଏଇ କାଣିଚାଏ ହସଖୁସି ସବୁ ତ
ମୋ ପାଇଁ ବୈକୁଣ୍ଠ ସମାନ ସରଗର ସୁଖ
ହୋଇପାରେ ମୋର ଅନେକ ରୂପ
କାହିଁକିନା ମୁଁ ଜଣେ ନାରୀ
କେବେ ଝିଅ କେବେ ବୋହୂ ଅବା
କେବେ ମା'ଟିଏ, ଭଉଣୀଟିଏ କାହାର
ତଥାପି ସମ୍ପର୍କର ପରିଧି ଭିତରେ
ହଜିନି ମୋର ଅସ୍ତିତ୍ୱ
ସେଥିପାଇଁ ତ ଆଜିଏକାନ୍ତରେ ବସି
ମୁଁ ଖୋଜୁଛି ନିଜକୁ ସବୁ
ଭୁଲି ଏଇ ସଂସାରର ମିଛମାୟା ।

ପ୍ଲଟ ନମ୍ବର-୨୧୭/ପି,
ବାୟା ବାବା ମଠଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୯୯୩୮୩୯୫୫୩୭

## 'ଯୁଦ୍ଧ'

କାଦମ୍ବରୀ ମହାଖୁଡ଼

ସଂଘର୍ଷ ଜୀବନର ବାସ୍ତବ ଅବାସ୍ତବର
ପଥହୀନ ବିମୋହିତ ମୋହ ଅହଂକାରର
ହୃଦୟ ବିମୂଢ଼ ଯୁକ୍ତି ଯୁକ୍ତ ପ୍ରଯୁକ୍ତି ସ୍ୱର
ଲୌହ ବିମାର୍ଗ ଅଧିକ ଅଦେଖା ଯନ୍ତ୍ରଣାର

କେବେ ସମ୍ପର୍କର କେବେ ରୁଦ୍ଧ ରାଜନୀତିର
ପ୍ରକମ୍ପିତ ଆନ୍ଦୋଳନ ପ୍ରଣୟ ମସ୍ତିଷ୍କର
କେଇଟା ତଲୱାର ଅବା ବାରୁଦ ବନ୍ଧୁକର
ନୀତି ନୂତନ କୁରୁକ୍ଷେତ୍ର ନ୍ୟାୟ ଅନ୍ୟାୟର

ଶତ୍ରୁତା ଶାସନ ବଳ କଷାଘାତ ସମର
ସ୍ଥିତିରୁ ଅବସ୍ଥିତି ବିରୁଦ୍ଧ ପରସ୍ପରର
ଦ୍ୱନ୍ଦ୍ୱ, ନିର୍ଦ୍ଦ୍ୱନ୍ଦ୍ୱ କୃତ୍ରିମ ଅକୃତ୍ରିମ ଦୁର୍ଗର
ଆଶାରୁ ଢେର ଅଧିକ ପ୍ରୟାସ ପ୍ରଲୋଭନର

କେବେ ଆନ୍ଦୋଳିତ ମନ ଦୁଶ୍ଚିନ୍ତ ଚିନ୍ତନର
କେତେ କଥା ଦିଆନିଆ ପ୍ରଲମ୍ବ ପ୍ରସ୍ତାବର
ଋତୁହୀନ ଦିଗନ୍ତରୁ ଦିଗନ୍ତ ସେ ତୃଷ୍ଣାର
ଶବ୍ଦରେ ଅବା ନିଶବ୍ଦ ମହାକାବ୍ୟ ଲଢ଼େଇର

ଯୁଦ୍ଧ ଏକ ପ୍ରଜ୍ଞ ପ୍ରୟାସ ଜୟ ବିଜୟର
ଉଦାହରଣେ ଦୌପଦୀଙ୍କ ବସ୍ତ୍ର ହରଣର
ଯୁଦ୍ଧ ନୁହେଁ ଏ ତ ଧର୍ମ ଅଧର୍ମ ଲଢ଼େଇର
ସର୍ବଦା ଜିଭରେ ଲଟପଟ ଶବ୍ଦ ବାଣର ।
ଯୁଦ୍ଧର ପ୍ରାରମ୍ଭ ସଦା ଶବ୍ଦ ବାଣର ...

ଗୁଡ଼ିଆନାଳୀ, ଢେଙ୍କାନାଳ
ଦୂରଭାଷ -୮୯୦୮୪୧୪୯୭୯

## ଫଗୁଣ ଆସିଛି ବୋଲି

ପ୍ରଶାନ୍ତ କୁମାର ନାଥ

ଏ ଧରା ଧାମରୁବିଦାୟ ନେଇକି
ଶୀତ ଯାଇଅଛିଚାଲି
ମଳୟ ପବନ ଦେହରେ ବାଜୁଛି
ଫଗୁଣ ଆସିଛିବୋଲି ।

ଆମ୍ବଗଛ ଡାଳେ ବଉଳ ଧରିକି
ମହମହ ହୋଇ ବାସେ
ଫୁଲ ସମ୍ଭାରରେ ସୁସଜ୍ଜିତ ହୋଇ
କାନନ ସୁନ୍ଦର ଦିଶେ ।

ଫଗୁଣ ପରଶ ପାଇଗଲା ପରେ
କୋଇଲି ଗାଉଛି ଗୀତ
ଫଗୁ ଅବିରରେ ହସୁଅଛି ଧରା
ଆସିଛି ବୋଲି ବସନ୍ତ ।

ଖରାବଢୁଥାଏ ଦିନ ଦ୍ୱିପହରେ
ସନ୍ଧ୍ୟାରେ ଶୀତଳ ଛୁଆଁ
ଫଗୁଣ ରଙ୍ଗରେ ରଙ୍ଗେଇ ହୋଇକି
ସୁନ୍ଦର ଦିଶୁଛି ଗାଆଁ ।

ଧରି ପିଚକାରୀ ରଙ୍ଗ ବୋଳାବୋଳି
ଆନନ୍ଦେ ଖେଳନ୍ତି ହୋଲି

ସଭିଙ୍କର ମନ ଆନନ୍ଦେ ନାଚୁଛି
ଫଗୁଣ ଆସିଛିବୋଲି ।



ସୁନ୍ଦରପୁର,ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୮୩୧୦୩୨୮୩୪୫

## ଘର ମୋର ଆହା କି ସୁନ୍ଦର

ନୂତନ କୁମାର ବେହେରା

ଘର ଅଟେ ମୋର ଆହା  କି ସୁନ୍ଦର,
ମର୍ତ୍ତ୍ୟେ ସ୍ୱର୍ଗପୁର ଲାଗେ ମନୋହର।
ଇଟା ବାଲି ଗୋଡ଼ି ସିମେଣ୍ଟରେ ଗଢ଼ି,
ରଙ୍ଗ ତହିଁ ବୋଳି ରଖୁ ଯେ ସଜାଡ଼ି।
ସୁନ୍ଦର ଅଗଣା ହସର ଝରଣା,
ଦିଅଇ ପ୍ରେରଣା ଦେଖାଏ ଠିକଣା।
ଘରର ଭିତର ମନ ପସନ୍ଦର
ରହି ଧିର ସ୍ଥିର ପଢ଼ା କରେ ମୋର।
ପିତା ମାତାଙ୍କର ହାତେ ଗଢ଼ା ଘର,
ସ୍ନେହ ମମତାର ସେ ଆଶିଷ ଝର।
ଦେବାଦେବୀ ରୂପେ ଥାଆନ୍ତି ସମୀପେ,
ଉନ୍ନତିର କକ୍ଷେ ରୁହନ୍ତି ସଂକକ୍ଷେ।
ଜୀବନ୍ତ ପ୍ରତିମା ସୁଖ ଶିରୀ ସୀମା,
ଘରର ସୁଷମା ତାଙ୍କରି ମହିମା।
ଦିଅଁ ରୂପେ ପୂଜି ରହେ ଧ୍ୟାନେ ମଜି,
ଧନ ଜ୍ଞାନ ଅର୍ଜି ଶାନ୍ତି ପାଏଁ ଖୋଜି।
ମାଆ'ର ମମତା ସ୍ୱଚ୍ଛ ଶୁଭ ଚିନ୍ତା,
କରି ସହାୟତା ଆଣେ ସାର୍ଥକତା।
ବାପାଙ୍କର ତ୍ୟାଗ ଗଢ଼ିଦିଏ ଭାଗ୍ୟ,
ଭାବି ତା' ସୁଯୋଗ କରେ ଉପଯୋଗ।
ଚରଣେ ତାଙ୍କର କରି ମୁଁ ଜୁହାର,
ଆନନ୍ଦ ଅପାର ପାଉଥାଏ ଚିର।
ତାଙ୍କ ପାଇଁ ଘର ଆମ ପରିବାର
ସୁଖରେ ସଂସାର ହସେ ନିରନ୍ତର।
ଘରଟି ମୋହର ଅଟଇ ମନ୍ଦିର,
ପରିବେଶ ତାର ସ୍ୱଚ୍ଛ ନିର୍ବିକାର।
ମୋ ଭାଇ ଭଉଣୀ ସାଥେ ରହି ପୁଣି,
ଆପଣାର ମଣି କରାନ୍ତି ଅଗ୍ରଣୀ।
ପବିତ୍ର ହୃଦୟେ ଭାବ ବିନିମୟେ,
ରୁହନ୍ତି ସଦୟେ ଅଭୟେ ନିର୍ଭୟେ।
ପରସ୍ପରେ ଶ୍ରଦ୍ଧା ଆମ ପାଇଁ ସୁଧା,
ଘୁଞ୍ଚାଇ ମୋ ବାଧା ଦିଅଇ ସୁବିଧା।
ପରିବାର ଲାଗି ହୋଇ ଅନୁରାଗୀ,
ରହି ଥାଏଁ ଜଗି ହୁଏଁ ସହଭାଗୀ।
ସୁଖର ଭଣ୍ଡାର ଅଟଇ ଯେ ଘର,
ଜଗତେ ତାହାର ନାହିଁ ପଟାନ୍ତର।
ଘର ଅଟେ ମୋର ସବୁଠୁ ସୁନ୍ଦର,
ସଂପର୍କ ଆମର ରଖଇ ମଧୁର।



କୋହି,ବାରିପଦା,ମୟୂରଭଞ୍ଜ
ଦୂରଭାଷ -- ୮୦୧୮୩୫୩୩୨୨

# ଭାରତ ଯୋଗୁ ସେମିଫାଇନାଲରେ ହାରିଲା ଦକ୍ଷିଣ ଆଫ୍ରିକା : ଆଇସିସିକୁ ଦାୟୀ କଲେ ଡେଭିଡ୍ ମିଲର



**ନୂଆଦିଲ୍ଲୀ**

ନ୍ୟୁଜିଲାଣ୍ଡ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲ ମୁକାବିଲାରେ ପରାଜିତ ହୋଇଛି ଦକ୍ଷିଣ ଆଫ୍ରିକା। ଏହାପରେ ଦଳର ଭେଟେରାନ ଖେଳାଳି ଡେଭିଡ୍ ମିଲର ବଡ଼ ବୟାନ ଦେଇ ଭାରତ ଯୋଗୁ ଦଳ ପରାଜିତ ହୋଇଛି ବୋଲି କହିଛନ୍ତି। ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବା ପରେ ମିଲର ଆଇସିସିର ଯାତ୍ରା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କାରଣ ଏହା ହାଇବ୍ରିଡ୍ ମଡେଲରେ ଖେଳାଯାଉଛି। ଗ୍ରୁପ୍ ମୁକାବିଲାରୁ କିଏ ଫାଇନାଲ ଖେଳିବ ତାହା ସ୍ପଷ୍ଟ ନ ହେବା ଯୋଗୁ ଗ୍ରୁପ୍ ବି'ର ଦୁଇ ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ପାକିସ୍ତାନରୁ ଦୁବାଇ ଆସିଥିଲେ। ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜେତା ହେବା ପରେ ଦକ୍ଷିଣ ଆଫ୍ରିକା ପୁଣିଥରେ ପାକିସ୍ତାନ ଫେରିଥିଲା। କାରଣ ସେମିଫାଇନାଲ ଲାହୋରରେ ଖେଳାଯିବାର ଥିଲା। ଏହି ଅତିରିକ୍ତ ଯାତ୍ରାକୁ ଭୁଲ ଦର୍ଶାଇଛନ୍ତି ମିଲର। ଡେଭିଡ୍ ମିଲର କହିଛନ୍ତି, 'ଉଡ଼ାଣ କେବଳ ଗୋଟିଏ ଘଣ୍ଟା ୪୦ ମିନିଟ ପାଇଁ ଥିଲା, କିନ୍ତୁ ଆମକୁ ଏହି ଯାତ୍ରା କରିବାକୁ ପଡ଼ିଲା, ଯାହା ଠିକ୍ ନଥିଲା।' ଏହା ସକାଳର ବିମାନ ଥିଲା, ଆମକୁ ମ୍ୟାଚ୍ ପରେ ଯାତ୍ରା କରିବାକୁ ପଡ଼ିଲା। ତା'ପରେ ଆମେ ଅପରାହ୍ନ ୪ଟାରେ ଦୁବାଇରେ ପହଞ୍ଚିଲୁ ଏବଂ ସକାଳ ୭:୩୦ରେ ଫେରିବାକୁ ପଡ଼ିଲା। ଆମେ ୫ ଘଣ୍ଟାର ବିମାନ ଯାତ୍ରା କରି ଫେରିଥିଲୁ ଏବଂ ଆମ ପାଖରେ ବିଶ୍ରାମ ନେବା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରିବା ପାଇଁ ଯଥେଷ୍ଟ ସମୟ ଥିଲା। କିନ୍ତୁ ଏହି ପରିସ୍ଥିତି ଆଦୌ ଠିକ୍ ନ ଥିଲା ବୋଲି ସେ କହିଛନ୍ତି।

# ଫାଇନାଲରେ ବର୍ଷା ହେଲେ ରିଜର୍ଭ ଡେ'ରେ ଖେଳାଯିବ ଚାମ୍ପିୟନ୍ସ ଟ୍ରଫି : ଆଇସିସି

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ରବିବାର ଦୁବାଇରେ ଅନୁଷ୍ଠିତ ହେବ। ଭାରତ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବାବେଳେ ନ୍ୟୁଜିଲାଣ୍ଡ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଯଦି ଫାଇନାଲରେ ବର୍ଷା ହୁଏ, ତେବେ ମ୍ୟାଚ୍‌ର ମଜା ନଷ୍ଟ ହୋଇଯିବ। କିନ୍ତୁ ବର୍ଷା ଦ୍ୱାରା ପ୍ରଭାବିତ ଫାଇନାଲ ସମ୍ପର୍କରେ ଆଇସିସି ପୂର୍ବରୁ ନିୟମ ପ୍ରସ୍ତୁତ କରିସାରିଛି। ଯଦି ଫାଇନାଲ ମ୍ୟାଚ୍ ସମୟରେ ବର୍ଷା ହୁଏ, ତେବେ ଓଭର ସଂଖ୍ୟା ହ୍ରାସ କରି ମ୍ୟାଚ୍ ଖେଳାଯାଇପାରିବ। ଆଇସିସି ନିୟମ ଅନୁଯାୟୀ, ଫାଇନାଲ ମ୍ୟାଚ୍‌ରେ ଅତି କମ୍‌ରେ ୨୦ ଓଭର ଖେଳାଯିବା ଆବଶ୍ୟକ। ପ୍ରତ୍ୟେକ ଦଳକୁ ୨୦-୨୦ ଓଭର ଦିଆଯିବ। ବର୍ଷା ପ୍ରଭାବିତ ଫାଇନାଲରେ, ନିର୍ଦ୍ଧାରିତ ସମୟ ପରେ ଓଭର ସଂଖ୍ୟା ହ୍ରାସ ଆରମ୍ଭ ହୁଏ। ଯଦି ବର୍ଷା ଯୋଗୁ ଏହି ମ୍ୟାଚ୍ ରବିବାର, ମାର୍ଚ୍ଚ ୯ ରେ ଖେଳାଯାଇପାରିବ ନାହିଁ, ତେବେ ଏହାକୁ ରିଜର୍ଭ ଡେ'ରେ ଅନୁଷ୍ଠିତ କରାଯିବ। ଫାଇନାଲ ପାଇଁ ମାର୍ଚ୍ଚ ୧୦ ତାରିଖ ରିଜର୍ଭ ଡେ।




ଯଦି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ମ୍ୟାଚ୍ ଡ୍ର' କିମ୍ବା ଟାଇ ହୁଏ, ତେବେ ବିଜେତା ସୁପର ଓଭର ଦ୍ୱାରା ନିର୍ଣ୍ଣୟ କରାଯିବ। ସୁପର ଓଭରର ନିୟମ ଅନୁଯାୟୀ, ଉଭୟ ଦଳକୁ ଗୋଟିଏ ଓଭର ଖେଳିବାର ସୁଯୋଗ ମିଳିଥାଏ।

ଭାରତ ତା'ର ସମସ୍ତ ଗ୍ରୁପ ମ୍ୟାଚ୍ ଜିତିଥିଲା। ସେ ପ୍ରଥମେ ବାଂଲାଦେଶକୁ ଏବଂ ତା'ପରେ ପାକିସ୍ତାନକୁ ପରାସ୍ତ କରିଥିଲା। ଟିମ୍ ଇଣ୍ଡିଆ ଗ୍ରୁପ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ମଧ୍ୟ ପରାସ୍ତ କରିଥିଲା। ଭାରତ ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ୨୫୦ ରନର ଟାର୍ଗେଟ ଦେଇଥିଲା। ଜବାବରେ, ନ୍ୟୁଜିଲାଣ୍ଡ ଦଳ ୨୦୫ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ଘାତକ ବୋଲିଂ କରିଥିଲେ। ସେ ୫ଟି ଉଇକେଟ୍ ନେଇଥିଲେ। ଏବେ ଉଭୟ ଦଳ ଫାଇନାଲରେ ପୁଣି ଥରେ ମୁହାଁମୁହିଁ ହେବେ।

# ମହାନ ଟେନିସ୍ ଖେଳାଳି ଫ୍ରେଡ୍ ଷ୍ଟୋଲ୍‌ଙ୍କ ପରଲୋକ



**ମେଲବୋର୍ଣ୍ଣ**

ଦୁଇ ଥରର ଗ୍ରାଣ୍ଡସ୍ଲାମ ଖେଳାଳି ଓ ୩ ଥରର ଡେଭିସ୍ କପ୍ ବିଜୟୀ ଦଳର ସଦସ୍ୟ ଫ୍ରେଡ୍ ଷ୍ଟୋଲଙ୍କ ପରଲୋକ ଘଟିଛି। ଏ ନେଇ ଟେନିସ୍ ଅଷ୍ଟ୍ରେଲିଆ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ଖଳାଳି ଭାବେ ସଫଳ କ୍ୟାରିୟର ଶେଷ କରିବା ପରେ ସେ କୋଚ୍ ଓ ଅଷ୍ଟ୍ରେଲିଆର ନାଇନ ଚ୍ୟାନେଲ ଲାଗି କମେଣ୍ଟେଟର ଦାୟିତ୍ୱ ତୁଲାଇଥିଲେ। ଟେନିସ୍ ଅଷ୍ଟ୍ରେଲିଆର ସିଇଓ କ୍ରେଗ ଟିଲେ ତାଙ୍କ ସମ୍ପର୍କରେ କହିଛନ୍ତି ଯେ, ଟେନିସ ଉପରେ ତାଙ୍କର ପ୍ରଭାବ ସର୍ବଦା ମନେ ରହିବ। ତାଙ୍କ ଅବଦାନ ଦେଖିବାକୁ ସୌଭାଗ୍ୟ ପାଇଥିବା ଲୋକେ ତାଙ୍କୁ ସର୍ବଦା ମନେ ରଖିବେ। ଅଷ୍ଟ୍ରେଲିଆ ଡେଭିସ୍ କପ୍ ଦଳର ଜଣେ ଷ୍ଟାର ସଦସ୍ୟ ଭାବେ ଫ୍ରେଡ୍ ପେସାଦାର ଟେନିସ୍‌ରୁ ଅବସର ନେବା ପରେ ଜଣେ କୋଚ୍ ଓ କମେଣ୍ଟେଟର ଭାବେ ଟେନିସ୍ ସହ ଯୋଡ଼ି ହୋଇ ରହିଥିଲେ।

ଷ୍ଟୋଲ ତାଙ୍କ କ୍ୟାରିୟରର ପ୍ରଥମ ୫ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପରାସ୍ତ ହୋଇଥିଲେ। ଏଥିରୁ ୪ ଥର ତାଙ୍କୁ ନିଜ ଦେଶର ରୟ ଏମରସନଙ୍କ ପରାସ୍ତ କରିଥିଲେ। ସେ ଟୋନି ରୋଚେ୍‌ଙ୍କୁ ପରାସ୍ତ କରି ୧୯୬୫ ଫ୍ରେଞ୍ଚ ଓପନ ଜିତିଥିଲେ। ଏପରିକି ସେ ୟୁଏସ ଓପନ ଟାଇଟଲ ଜିତିବା ସହ ୱାର୍ଲଡ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ।

# ୨୫ ବର୍ଷ ତଳେ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ମୁହାଁମୁହିଁ ହୋଇଥିଲେ ଭାରତ-ନ୍ୟୁଜିଲାଣ୍ଡ

**ନୂଆଦିଲ୍ଲୀ**

,ଦୀର୍ଘ ୨୫ ବର୍ଷ ତଳର କଥା। ସେତେବେଳେ ଚାମ୍ପିୟନ୍ସ ଟ୍ରଫିର ନାଁ ଥିଲା ଆଇସିସି ନକ୍‌ଆଉଟ। ଆଉ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ମୁହାଁମୁହିଁ ହୋଇଥିଲେ ଭାରତ ଓ ନ୍ୟୁଜିଲାଣ୍ଡ। ଏବେ ପୁଣି ୨୫ ବର୍ଷ ପରେ ଦୁଇ ଦଳ ଚାମ୍ପିୟନ୍ସ ଟ୍ରଫି ବା ମିନି ବିଶ୍ୱକପ ଫାଇନାଲରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ବୁଧବାର ନ୍ୟୁଜିଲାଣ୍ଡ ଲାହୋରରେ ଦକ୍ଷିଣ ଆଫ୍ରିକାକୁ ବେଶ୍ ସହଜରେ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛି। ନ୍ୟୁଜିଲାଣ୍ଡ ରବିବାର ଦୁବାଇରେ ଭାରତ ସହ ଫାଇନାଲ ମ୍ୟାଚ୍ ଖେଳିବ।

ଭାରତ ପ୍ରଥମ ଦଳ ଭାବେ ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଫାଇନାଲରେ ୪ ତାରିଖରୁ ପ୍ରବେଶ କରିସାରିଛି। ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ହରାଇଥିଲା। ନ୍ୟୁଜିଲ୍ୟାଣ୍ଡ ଗ୍ରୁପ ଏରେ ପୂର୍ବରୁ ଭାରତକୁ ଦୁବାଇରେ ଭେଟିଥିଲା। ଏହି ମ୍ୟାଚ୍‌ରେ କିୱି ଦଳକୁ ହାରିବାକୁ ପଡ଼ିଥିଲା। କିନ୍ତୁ ରବିବାର ଫାଇନାଲରେ ମିଚେଲ ସାଣ୍ଟନରଙ୍କ ନ୍ୟୁଜିଲାଣ୍ଡ ପୁଣିଥରେ ରୋହିତ ଶର୍ମାଙ୍କ ଟିମ ଇଣ୍ଡିଆକୁ ଭେଟିବାକୁ ଯାଉଛି। ଏହି ସମୟରେ ନ୍ୟୁଜିଲାଣ୍ଡ ପାଖରେ ଗ୍ରୁପ ପର୍ଯ୍ୟାୟ ପରାଜୟର ପ୍ରତିଶୋଧ ନେବାର ସୁଯୋଗ ରହିବ।

ଭାରତ ଓ ନ୍ୟୁଜିଲାଣ୍ଡ ପୂର୍ବରୁ ଦୁଇ ଥର ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିଛନ୍ତି। ଶେଷଥର ପାଇଁ ଉଭୟ ଦଳ ୨୦୨୧ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଫାଇନାଲ ଇଂଲଣ୍ଡର ସାଉଥାମ୍ପଟନରେ ଖେଳିଥିଲେ। ଏହି ଫାଇନାଲରେ କେନ ୱିଲିୟମସନଙ୍କ ନ୍ୟୁଜିଲାଣ୍ଡ ବିରାଟ କୋହଲିଙ୍କ ଟିମ ଇଣ୍ଡିଆକୁ ୮ ୱିକେଟରେ ହରାଇ




ପ୍ରଥମଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଟାଇଟଲ ଜିତି ପାରିଥିଲା। ବର୍ଷା ଯୋଗୁ ଫାଇନାଲ ଟେଷ୍ଟ ୬ ଦିନ ଖେଳା ଯାଇଥିଲା।

ସବୁଠାରୁ କୌତୁହଳର ବିଷୟ ହେଲା ଭାରତ ଓ ନ୍ୟୁଜିଲାଣ୍ଡ ଆଇସିସିର କୌଣସି ଧଳା ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଶେଷଥର ପାଇଁ ୨୦୦୦ ମସିହାରେ ଖେଳିଥିଲେ। ୨୦୦୦ ମସିହାରେ ଚାମ୍ପିୟନ୍ସ ଟ୍ରଫିର ନାଁ ଆଇସିସି ନକ୍‌ଆଉଟ ଟ୍ରଫି ରହିଥିଲା। କେନିୟାର ରାଜଧାନୀ ନାଇରୋବିରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳା ଯାଇଥିଲା। ଏହି ଫାଇନାଲରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ଭାରତକୁ ହରାଇ ପ୍ରଥମଥର ପାଇଁ କୌଣସି ଆଇସିସି ଟ୍ରଫି ଜିତି ପାରିଥିଲା।

ଚାମ୍ପିୟନ୍ସ ଟ୍ରଫିର ଫାଇନାଲକୁ ଭାରତ ଏକମାତ୍ର ଦେଶ ଯିଏ ସର୍ବାଧିକ ୫ଥର ଯାଇଛି। ଏଭଳି ଉପଲବ୍ଧି କୌଣସି ଦେଶ ହାସଲ କରିନାହାନ୍ତି। ଭାରତ ପଛକୁ ଅଷ୍ଟ୍ରେଲିଆ ୨ଥର ଫାଇନାଲ ଖେଳିଛି ଓ ୨ଥର ଟ୍ରଫି କରାୟତ୍ତ କରିଛି। ଭାରତ ୫ଥର ଫାଇନାଲକୁ ଯାଇଥିବା ବେଳେ ୨ଥର ଜିତିଛି। ୨ଥର ହାରିଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ରବିବାର ଖେଳାଯିବ। ଭାରତ ସାମ୍ନାରେ ଏବେ ନ୍ୟୁଜିଲାଣ୍ଡ ରହିଛି।

ଗତ ସପ୍ତାହ ଅର୍ଥାତ ଗତ ରବିବାର ଦୁବାଇରେ ଭାରତ ଓ ନ୍ୟୁଜିଲାଣ୍ଡ ଗ୍ରୁପ ପର୍ଯ୍ୟାୟରେ ପରସ୍ପରକୁ ଭେଟିଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ମାତ୍ର ୨୪୯ ରନ କରିଥିଲା। ଏହାର ଜବାବରେ ନ୍ୟୁଜିଲାଣ୍ଡ କେବଳ ୨୦୫ ରନ କରିପାରିଥିଲା। ଭାରତ ପାଇଁ ଚାମ୍ପିୟନ୍ସ ଟ୍ରଫିରେ ପ୍ରଥମ ମ୍ୟାଚ୍ ଖେଳିଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏକାକୀ ୫ ୱିକେଟ ନେବାରୁ ନ୍ୟୁଜିଲାଣ୍ଡ ଦୁବାଇରେ ମାଟି କାମୁଡ଼ିଥିଲା। ବ୍ୟାଟିଂରେ ଶ୍ରେୟସ ଆୟର ୭୯ ରନର ଇନିଂସ ଖେଳିଥିଲେ।

ଏହି ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ସେମି ଫାଇନାଲ ଖେଳିଥିଲା। ଲାହୋରରେ ଖେଳା ଯାଉଥିବା ମ୍ୟାଚ୍‌ରେ ରଚିନ ରବୀନ୍ଦ୍ର ଓ କେନ ୱିଲିୟମସନଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ବିଶାଳ ୩୬୨ ରନ କରି ପାରିଥିଲା।

ଦକ୍ଷିଣ ଆଫ୍ରିକା ପାଇଁ ଡାଭିଡ ମିଲର ୬୨ ବଲରେ ଅପରାଜିତ ୧୦୦ ରନର ଇନିଂସ ଖେଳିଥିଲେ ହେଁ ଦଳ ୫୨ ରନରେ ହାରି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ତେଣୁ ଭାରତ ଓ ନ୍ୟୁଜିଲାଣ୍ଡ ରବିବାର ଫାଇନାଲରେ ଲଢ଼େଇ କରିବେ। ନ୍ୟୁଜିଲାଣ୍ଡ ଗ୍ରୁପ ପର୍ଯ୍ୟାୟରେ ଭାରତ ଠାରୁ ହାରିଥିବା ପରାଜୟର ପ୍ରତିଶୋଧ ସହ ଟ୍ରଫି ଜିତିବା ଲକ୍ଷ୍ୟରେ ରହିବ।

# ଚାମ୍ପିଅନ୍ସ ଟ୍ରଫି ଫାଇନାଲ ପୂର୍ବରୁ ଅବସର ଘୋଷଣା କଲେ ମୁସଫିକର ରହିମ



**ଢାକା**

ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍ ମାର୍ଚ୍ଚ ୯ରେ ଦୁବାଇରେ ଖେଳାଯିବ। କିନ୍ତୁ ଏହା ପୂର୍ବରୁ ବାଂଲାଦେଶୀ ଉଇକେଟକିପର-ବ୍ୟାଟ୍ସମ୍ୟାନ ମୁସଫିକର ରହିମ ଏକଦିବସୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୧୯ ବର୍ଷର କ୍ୟାରିୟର ପରେ ସେ ଏହି ଫର୍ମାଟକୁ ଅଲବିଦା କହିଛନ୍ତି। ସେ ୨୦୦୬ରେ ହରାରେରେ ଜିମ୍ବାୱେ ବିପକ୍ଷରେ ତାଙ୍କର ଏକଦିବସୀୟ ଡେବ୍ୟୁ କରିଥିଲେ। ୩୭ ବର୍ଷୀୟ ମୁସଫିକର ଫେବୃୟାରୀ ୨୪ ତାରିଖରେ ଚାମ୍ପିଅନ୍ସ ଟ୍ରଫିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହି ଫର୍ମାଟରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ତେବେ ସେମାନେ ଫେବୃୟାରୀ ୨୭ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଯାଇଥିଲା।

ମୁସଫିକର ରହିମ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏକଦିବସୀୟରୁ ଅବସର ନେବା ବିଷୟରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, 'ମୁଁ ଆଜିଠାରୁ ଓଡିଆଇ ଫର୍ମାଟରୁ ଅବସର ଘୋଷଣା କରୁଛି।' ସବୁକିଛି ପାଇଁ ଆଲ୍ଲାହୁ ଆକବର। ଯଦିଓ ବିଶ୍ୱ ସ୍ତରରେ ଆମର ସଫଳତା ସୀମିତ ହୋଇଛି, କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ ଯେତେବେଳେ ମୁଁ ମୋ ଦେଶ ପାଇଁ ମଇଦାନରେ ପାଦ ଦେଇଥିଲି, ମୁଁ ସମର୍ପଣ ଏବଂ ସଚ୍ଚୋଟତାର ସହିତ ଖେଳିଥିଲି ଏବଂ ମୋର ୧୦୦%ରୁ ଅଧିକ ଦେଇଛି। ସେ ଆହୁରି କହିଛନ୍ତି, 'ଗତ କିଛି ସପ୍ତାହ ମୋ ପାଇଁ ବହୁତ ଚ୍ୟାଲେଞ୍ଜିଂ ଥିଲା ଏବଂ ମୁଁ ଅନୁଭବ କରିଛି ଯେ ଏହା ମୋର ଭାଗ୍ୟ।' ଶେଷରେ ମୁଁ ମୋ ପରିବାର, ବନ୍ଧୁ ଏବଂ ପ୍ରଶଂସକମାନଙ୍କୁ ହୃଦୟର ଗଭୀରତାରୁ ଧନ୍ୟବାଦ ଦେବାକୁ ଚାହୁଁଛି, ଯେଉଁମାନଙ୍କ ପାଇଁ ମୁଁ ୧୯ ବର୍ଷ ଧରି କ୍ରିକେଟ ଖେଳିଥିଲି।

୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ବାଂଲାଦେଶର ପ୍ରଦର୍ଶନ ପ୍ରଭାବଶାଳୀ ନ ଥିଲା। ସେ ଗୋଟିଏ ବି ମ୍ୟାଚ୍ ଜିତି ନପାରି ଗ୍ରୁପ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲେ। ବାଂଲାଦେଶ ଭାରତ ବିପକ୍ଷରେ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ଖେଳିଥିଲା, ଯେଉଁଥିରେ ସେମାନେ ୬ ଉଇକେଟରେ ପରାଜୟର ସମ୍ମୁଖୀନ ହୋଇଥିଲେ। ଏହି ମ୍ୟାଚ୍‌ରେ ମୁସଫିକର ରହିମ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଯେତେବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ମୁସଫିକର ମାତ୍ର ୨ ରନ କରିପାରିଥିଲେ। ଗ୍ରୁପ ପର୍ଯ୍ୟାୟର ଶେଷ ମ୍ୟାଚ୍‌ରେ ବାଂଲାଦେଶ ପାକିସ୍ତାନ ସହିତ ମୁକାବିଲା କରିବାର ଥିଲା, କିନ୍ତୁ ବର୍ଷା ଯୋଗୁ ମ୍ୟାଚ୍‌ଟି ଧୋଇ ଯାଇଥିଲା।

ମୁସଫିକର ରହିମ ହେଉଛନ୍ତି ବାଂଲାଦେଶୀ ଖେଳାଳି ଯିଏ ଓଡିଆଇରେ ସର୍ବାଧିକ ମ୍ୟାଚ୍ ଖେଳିଛନ୍ତି। ସେ ୨୭୪ଟି ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୨୫୬ଟି ଇନିଂସରେ ୩୬.୪୨ ହାରରେ ୭୭୯୫ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ୯ଟି ଶତକ ଏବଂ ୪୯ଟି ଅର୍ଦ୍ଧଶତକ ହାସଲ କରିଥିଲେ। କେବଳ ଏତିକି ନୁହେଁ, ଜଣେ ଉଇକେଟକିପର ଭାବରେ ସେ ୨୪୩ଟି କ୍ୟାଚ ନେଇଥିଲେ ଏବଂ ୫୬ଟି ଷ୍ଟମ୍ପିଂ ମଧ୍ୟ କରିଥିଲେ।

## ଅଲ ଇଣ୍ଡିଆ ରେଲୱେ ଟି-୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନସିପ୍ (ଏଲିଟ୍ ପୁଲ୍-ଏ)

# ମେଟ୍ରୋ, ପଶ୍ଚିମ ମଧ୍ୟ ଓ ଉତ୍ତର ମଧ୍ୟ ରେଲୱେର ବିଜୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ପ୍ରଥମ ଲିଗ୍ ମ୍ୟାଚ୍, ପୂର୍ବତଟ ରେଲୱେ ଏବଂ ମେଟ୍ରୋ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମେଟ୍ରୋ ରେଲୱେ ଏହି ମ୍ୟାଚ୍‌କୁ ୭ ୱିକେଟ୍ ରେ ଜିତିଥିଲା। ମେଟ୍ରୋ ରେଲୱେର, ଅଭିଜିତି ସିଂ, ୫୮ ରନ କରି, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମନିସ୍ କୁମାର ମୀନା, ଅତିରିକ୍ତ କ୍ରୀଡ଼ା ଅଧିକାରୀ ତଥା ଖୋର୍ଦ୍ଧା ରୋଡ଼ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ।

ସ୍କୋର : ପୂର୍ବ ତଟ ରେଲୱେ- ୧୦୪/୧୦ (୧୯.୧ ଓଭରସ୍)। ମେଟ୍ରୋ ରେଲୱେ-୧୦୭/୩ (୧୮.୪ ଓଭରସ୍)। ଦ୍ୱିତୀୟ ଲିଗ୍ ମ୍ୟାଚ୍, ପଶ୍ଚିମ ମଧ୍ୟ ରେଲୱେ ଏବଂ




ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ପଶ୍ଚିମ ମଧ୍ୟ ରେଲୱେ ୨୦ ରନରେ ଜିତିଥିଲା। ପଶ୍ଚିମ ମଧ୍ୟ ରେଲୱେର ସୁଶିଲ ଏସ୍. ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ଉପସ୍ଥିତିରେ, ଖୋର୍ଦ୍ଧା ରୋଡ୍ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ଡଃ ଶରଥ ବାବୁ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ। ସ୍କୋର : ପଶ୍ଚିମ ମଧ୍ୟ ରେଲୱେ- ୧୩୧/୨ (୨୦ ଓଭରସ୍)। ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ - ୧୧୧/୧୦ (୨୦ ଓଭରସ୍)।

ତୃତୀୟ ଲିଗ୍ ମ୍ୟାଚ୍, ଉତ୍ତର ମଧ୍ୟ ରେଲୱେ ଏବଂ ପୂର୍ବ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌କୁ ଉତ୍ତର ମଧ୍ୟ ରେଲୱେ ରନରେ ଜିତିଥିଲା। ଉତ୍ତର ମଧ୍ୟ ରେଲୱେର , ଅକ୍ଷତ ପାଣ୍ଡେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ପଙ୍କଜ କୁମାର ନାଗ୍ୱାନି, ଖୋର୍ଦ୍ଧା ରୋଡ଼ ମଣ୍ଡଳ ବିତ୍ତ ପ୍ରବନ୍ଧକ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫିକୁ ପ୍ରଦାନ କରିଥିଲେ।

ସ୍କୋର : ଉତ୍ତର ମଧ୍ୟ ରେଲୱେ- ୧୧୮/୭ (୨୦ ଓଭରସ୍)। ପୂର୍ବ ରେଲୱେ- ୧୦୫/୧୦ (୧୯.୪ ଓଭରସ୍)।

ଶୁକ୍ରବାର ପଶ୍ଚିମ ମଧ୍ୟ ରେଳ ଏବଂ ପୂର୍ବତଟ ରେଳ ଓ ମେଟ୍ରୋ ଏବଂ ପୂର୍ବ ରେଳ ମଧ୍ୟରେ ୨ଟି ମ୍ୟାଚ୍ ଖେଳାଯିବ।

# ମା' ହେବେ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ



**ନୂଆଦିଲ୍ଲୀ**

ଭାରତୀୟ କୁସ୍ତି ଯୋଦ୍ଧା ଭିନେଶ ଫୋଗଟ ଗୁରୁବାର ସ୍ୱାମୀ ସୋମବୀର ରାଠିଙ୍କ ସହ ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପରେ କୁସ୍ତିରୁ ଅବସର ନେଇଥିବା ଭିନେଶ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏହି ଘୋଷଣା କରିଛନ୍ତି, ଭିନେଶ ଏବଂ ରାଠି ୨୦୧୮ରେ ବିବାହ କରିଥିଲେ।

ଗୁରୁବାର ଏକ ପୋଷ୍ଟରେ, ଭିନେଶ ଏବଂ ତାଙ୍କ ସ୍ୱାମୀଙ୍କ ଏକ ଫଟୋ ପୋଷ୍ଟ କରିଛନ୍ତି ଯେଉଁଥିରେ ଏକ କ୍ୟାପସନ ରହିଛି। ଏଥିରେ ସେ କହିଛନ୍ତି ଯେ ସେମାନଙ୍କ ପ୍ରେମ କାହାଣୀ ଏଥିରେ ଏକ ନୂତନ ଅଧ୍ୟାୟ ଯୋଡି ହେବା ସହିତ ଜାରି ରହିଛି। କ୍ୟାପସନରେ ଏକ ପାଦ ଏବଂ ହୃଦୟ ଇମୋଜି ମଧ୍ୟ ରହିଛି। ପ୍ରଶଂସକ ଏବଂ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଏବଂ ସାକ୍ଷୀ ମଲିକ ଆଦି ଇନଷ୍ଟାଗ୍ରାମରେ ଦମ୍ପତିଙ୍କୁ ସେମାନଙ୍କର ଶୁଭେଚ୍ଛା ପୋଷ୍ଟ କରିଥିଲେ।

ଭିନେଶ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ରେ ଇତିହାସ ରଚିଥିଲେ ଯେତେବେଳେ ସେ ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ମହିଳା ହୋଇଥିଲେ। ତଥାପି, ବିବାଦ ଉପୁଜିବ କାରଣ ଫାଇନାଲ ଦିନ ୩୦ ବର୍ଷୀୟ ଖେଳାଳିଙ୍କ ଓଜନ ୧୦୦ ଗ୍ରାମ ଅଧିକ ବୋଲି ଜଣାପଡ଼ିଥିଲା ଏବଂ ତାଙ୍କୁ ସମଗ୍ର ଇଭେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହା ପରେ ଭିନେଶ ତାଙ୍କର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ହିନ୍ଦୀରେ ଏକ ବିବୃତ୍ତି ରଖିବେ, ଯେଉଁଥିରେ ସେ ତାଙ୍କ କ୍ୟାରିୟରରୁ ଅବସର ନେଉଛନ୍ତି ବୋଲି କହିଥିଲେ।

# ଆଜିଠୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା : ୩ଦିନ ଧରି ଜିଲ୍ଲା ପରିକ୍ରମା କରିବ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢ଼ା ବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ୍ ରାଲି) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୭ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକ ସାମିଲ ହେବାକୁ ଥିବା ବେଳେ, ଯାତ୍ରା ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୂରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ ବୋଲି ଜଣାଯାଇଛି। ମାର୍ଚ୍ଚ ୭ତାରିଖ ପ୍ରଥମ ଦିନ ସକାଳ ୮ରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ବାହାରି ଜାମଦା ପର୍ଯ୍ୟନ୍ତ ଯିବ। ସେହିପରି ୮ ତାରିଖ ଦ୍ୱିତୀୟ ଦିନ ଜାମଦାରୁ ବାହାରି ଉଦଳାରେ ପହଞ୍ଚିବ ଏବଂ ୯ ତାରିଖ ତୃତୀୟ ଦିନ ଉଦଳାରୁ ବାହାରି ବାରିପଦା ପଲବଣି ଗୋଲେଇରେ ପହଞ୍ଚିବା ପରେ ସହର ପରିକ୍ରମା କରି ଛଉ ପଡ଼ିଆ ନିକଟରେ ଜାଗରଣ ଯାତ୍ରା ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

**OFFICE OF THE DIVISIONAL FOREST OFFICER** MM-525
**ATHGARH FOREST DIVISION, ATHGARH**
At/Po/PS- Athgarh, Dist- Cuttack, State-Odisha, PIN-754029
Phone: 06723-220225, e-mail- dfo.athaqarh@odisha.gov.in
Notice No. 1344 / IF (Account)
Dated, Athgarh the 6th March, 2025

**SHORT TENDER CALL NOTICE**
**FOR SUPPLY OF VEHICLE ON HIRE BASIS FOR OFFICIAL PURPOSE TO BE DEPLOYED IN DIFFERENT RANGES AND DIVISION HEAD QUARTER**
**(ATHGARH, KHUNTUNI, BADAMBA, NARASINGHPUR)**

Quotations in plain paper /letter pad are invited from the intending supplier / Vehicle owner for supply of Bolero vehicle within 3 Years of registration for use in patrolling and other duty in 5 Ranges and Division office of Athgarh Forest Division during the **FY-2025-26** with following terms and condition.

The quotation should reach this office on or before **20.03.2025 at 11.00 A.M** through Registered / Speed Post, Courier Service and can also be dropped in Tender Box placed in office of the Divisional Forest Officer, Athgarh Forest Division. The tenders will be opened in the office of the undersigned on **dt. 21.03.2024 at 12 P.M** by submitting a non-refundable Demand Draft to be drawn in favour of Divisional Forest Officer, Athgarh from **07.03.2025 to 20.03.2024** payable at Athgarh for **1180/-** (Cost 1000/- +GST 18% -Rs. 180/-) ( Rupees One Thousand One hundred Eighty) only towards cost of tender paper, which will be placed before the Purchase Committee of this office for approval. The amount quoted should include the cost of Driver and all taxes (excluding the cost of Fuel). The incomplete quotation or quotation received after the scheduled date and time shall be summarily rejected. The undersigned reserves all rights to reject any or all quotation without showing any reason therof.

1. BOLERO ( Diesel Make ) - 16 Nos.

Sd/-(Dr. Jagyandutt Pati)
Divisional Forest Officer
Athgarh Forest Division, Athgarh

OIPR-08063/11/0005/2425

# ଶେଷରେ ବ୍ୟାସନଗର ପୌର ଅଧକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଲେ କାଉନସିଲର

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗର ପୌରପାଳିକାର ପୌରାଧକ୍ଷା ସଂଗିତା ପିଙ୍ଗୁଆଙ୍କ ପାଇଁ ଅଡୁଆ ବଢ଼ିଲା। ସଂଗିତାଙ୍କ ବିରୁଦ୍ଧରେ ବୁଧବାର ଦିନ ଜିଲ୍ଲାପାଳଙ୍କୁ ୧୧ଜଣ ଦସ୍ତଖତ ଥିବା ଏକ ଅନାସ୍ଥା ପ୍ରସ୍ତାବ ଦରଖାସ୍ତ ପ୍ରଦାନ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ପୌରାଧକ୍ଷା ସଂଗୀତାଙ୍କ ବିରୁଦ୍ଧରେ ବିଜେଡି କାଉନସିଲମାନେ ତାଙ୍କ କାର୍ଯ୍ୟକଳାପରେ କ୍ଷୁବ୍ଧ ଥିବା ବେଳେ



ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଗତ ୨ଦିନ ତଳେ ଭେଟି ସମସ୍ତ ବିଷୟରେ ଅବଗତ କରାଇଥିଲେ। ବ୍ୟାସନଗର ପୌରପରିଷଦ ୨୬ଜଣ ପାରିଷଦକୁ ନେଇ ଗଠିତ ହୋଇଥିବା ବେଳେ ବିଜେଡିର ୨୦ଜଣ କଂଗ୍ରେସର ୫ଜଣ ଓ ଭାଜପାର ୧ଜଣ ପାରିଷଦ ଅଛନ୍ତି। ବିଜେଡିର ୨୦ଜଣ ପାରିଷଦ ଅସନ୍ତୁଷ୍ଟ ଥିବା ବେଳେ ଗୁରୁବାର ସମସ୍ତ ୨୦ଜଣ ପାରିଷଦ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଭେଟି ଅନସ୍ଥା ପ୍ରସ୍ତାବ ଦେଇଛନ୍ତି। ଏହି ଅନସ୍ଥା ପ୍ରସ୍ତାବରେ ବ୍ୟାସନଗର ବିକାଶରେ ବାଧକ ସାଜିବା ସହ ଅଧକ୍ଷା ମନମୁଖୀ କାର୍ଯ୍ୟ କରିଆସୁଥିବା ଅଭିଯୋଗ କରିଛନ୍ତି। ଯାହା ଫଳରେ ବ୍ୟାସନଗରର ବିକାଶ ହୋଇପାରୁନଥିବା ଅଭିଯୋଗ କରିଛନ୍ତି। ୨୦ଜଣ ପାରିଷଦଙ୍କ ଅନାସ୍ଥା ବିରୁଦ୍ଧରେ ସମର୍ଥନ ଥିବା ବେଳେ ୧୧ଜଣ ଦସ୍ତଖତ କରିଥିବା ଜଣାପଡିଛି। ଏହାକୁ ନେଇ ଯାଜପୁର ଜିଲ୍ଲା ରାଜନୀତି ସରଗରମ ହୋଇଉଠିଥିବା ଜଣାପଡ଼ିଛି।

# 'ଓଡ଼ିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ଥିଲେ ବିଜୁବାବୁ'

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ମହାନ ଜନନାୟକ ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ ବିଜୁ ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ବିଜୁ ଯୁବ ପ୍ରେମୀମାନେ ଏକ ବାଇକ୍ ଶୋଭାଯାତ୍ରାରେ କରିଥିଲେ। ପରେ ଇଗଲ କ୍ଲବ ଠାରେ ପୂର୍ବତନ ବିଧାୟକ ଶ୍ରୀ ସାହୁଙ୍କ ଅଧକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ଶ୍ରୀ ସାହୁ କହିଥିଲେ ଓଡ଼ିଆ ସ୍ୱାଭିମାନ ଓ ସଂକଳ୍ପର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକ। ସେ ଥିଲେ ଓଡ଼ିଆଙ୍କ ଗର୍ବ ଏବଂ ଗୌରବ। ନୂଆ ଓଡ଼ିଶା ଗଠନ କରିବାରେ ତାଙ୍କର ଥିଲା ପ୍ରମୁଖ ଭୂମିକା। ସାହସୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ପ୍ରତିଟି ଓଡ଼ିଆଙ୍କ ମନରେ ସେ ରହିଛନ୍ତି। ବିଜୁ ବାବୁ କେହି ଚାହିଁଲେ ବି ଓଡ଼ିଶାବାସୀଙ୍କ ମନରୁ ଲିଭାଇପାରିବ ନାହିଁ। ଜିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ ଯୋଗଦେଇ ନବ ଉତ୍କଳର ଅନ୍ୟତମ ପୁରୋଧା ଥିଲେ ବିଜୁ ବାବୁ। ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ଏକାଧାରରେ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ରାଜନିତିଜ୍ଞ, ଦୁର୍ଦ୍ଦଶ ପାଇଲଟ, ଯୁଗସ୍ରଷ୍ଟା ଓ ଦୂରଦ୍ରଷ୍ଟା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମାଟିର ବରପୁତ୍ର ତଥା ଝଡ଼ର ଇଗଲ ବିଜୁବାବୁଙ୍କର ଅଭିନବ ଉଦ୍ୟମ, ସାହସ ଏବଂ କ୍ରାନ୍ତିକାରୀ ପଦକ୍ଷେପ ଯୋଗୁଁ ସେ ସମସ୍ତଙ୍କ ମନର ମହାନାୟକ। ତାଙ୍କ ବ୍ୟକ୍ତିତ୍ୱ ଓଡ଼ିଶାବାସୀଙ୍କୁ ସବୁବେଳେ ଉଦବୁଦ୍ଧ କରିଆସିଛି, ପ୍ରେରଣା ଯୋଗାଇ ଆସିଛି। ଯାହାକୁ କେହି ବି ଆସିଲେ ଲିଭାଇପାରିବ ନାହିଁ ବୋଲି କହିଥିଲେ। ଏଥିସହିତ ତାଙ୍କ ଉଦ୍ୟମରେ ପାରାଦୀପ ବନ୍ଦର, ହାଲ, ରାଉରକେଲା ଇସ୍ପାତ କାରାଖାନା, ରିଜିଓନାଲ କଲେଜ ଆଦି ପ୍ରତିଷ୍ଠା ହୋଇଥିଲା ବୋଲି ମତ ଦେବା ସହ ସେ ଇଣ୍ଡୋନେସିଆର ଭୂମିପୁତ୍ର ଉପାଧି ପାଇଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବିଜୁ ବାବୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। ମାର୍ଚ୍ଚ ୫କୁ ବିଜୁ ବାବୁଙ୍କ ଜନ୍ମ ଦିବସ ତଥା ପଞ୍ଚାୟତ ରାଜ ଦିବସ ଭାବେ ସାରା ରାଜ୍ୟରେ ପାଳନ ହୋଇ ଆସୁଥିଲା। ସେହିପରି ଟାଙ୍ଗୀ ବ୍ଲକ୍ ଅଧକ୍ଷା ରିସ୍ମା ମାନଧାତା ସ୍ୱାଧୀନତା ପରେ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସ୍ୱପ୍ନ ଦେଖିଥିବା ନେତା ଥିଲେ ବିଜୁ ପଟ୍ଟନାୟକ। ୧୯୬୧ରେ ମାତ୍ର ୪୫ ବର୍ଷ ବୟସରେ ବିଜୁ ପଟ୍ଟନାୟକ ହୋଇଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଆଉ ଆଧୁନିକ ଓଡ଼ିଶା ନିର୍ମାଣର ନିଅଁ ପଡ଼ିଥିଲା। ତାଙ୍କରି ହାତରେ ଓଡ଼ିଶାରେ ମୁଣ୍ଡ ଟେକିଥିଲା ବହୁ ଶିଳ୍ପ, କଳ କାରଖାନା। ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ରାମଚନ୍ଦ୍ର ମହାପାତ୍ର, କାଉନସିଲର ପ୍ରବୀଣା ଜଗଦେବରାୟ, ଅମୀୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସରପଞ୍ଚ, ସମିତିସଭ୍ୟ, କାଉନସିଲର, ପୂର୍ବତନ କାଉନସିଲର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଏବଂ ବିଜୁପ୍ରେମୀ ମାନେ ଯୋଗ ଦେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୭ ମାର୍ଚ୍ଚ ୨୦୨୫ ଶୁକ୍ରବାର





# ପଦୋନ୍ନତି କ୍ଷେତ୍ରରେ କେନ୍ଦ୍ରୀୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା ପାଇଁ ରେଳ ବୋର୍ଡର ନିଷ୍ପତ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳ ବୋର୍ଡ ଦ୍ୱାରା ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ବିଭାଗୀୟ ପଦୋନ୍ନତି ପରୀକ୍ଷା ରେଳବାଇ ଭର୍ତ୍ତି ବୋର୍ଡ ବା ଆରଆରବି ଦ୍ୱାରା / କେନ୍ଦ୍ରୀୟ କମ୍ପ୍ୟୁଟରୀକୃତ ପରୀକ୍ଷା ସିବିଟି ମାଧ୍ୟମରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସମସ୍ତ ଜୋନାଲ ରେଳବାଇ ପରୀକ୍ଷା ପାଇଁ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିବେ । ସମସ୍ତ ପରୀକ୍ଷା କେବଳ ଏକ କ୍ୟାଲେଣ୍ଡର ଆଧାରରେ ପରିଚାଳିତ ହେବ ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆରଆରବି ଦ୍ୱାରା ପରିଚାଳିତ ସ୍ୱଚ୍ଛ, ନିରପେକ୍ଷ ଏବଂ ଅତ୍ୟନ୍ତ ପ୍ରଶଂସନୀୟ ପରୀକ୍ଷାର ଦୀର୍ଘ ଅଭିଜ୍ଞତା ପରେ ଏହା ନିଷ୍ପତ୍ତି ନିଆଯାଇଛି ।

ଜଜଇ ଯେପରି କୌଣସି ଅଭିଯୋଗ ବିନା, ସମସ୍ତ ସ୍ୱଚ୍ଛତା ସହିତ ପରୀକ୍ଷା ପରିଚାଳନା କରୁଥିଲା ସେହିଭଳି ଏହି ପରୀକ୍ଷା ଆୟୋଜନ କରାଯିବ ଓ ୨୦୧୫ରୁ ଆଜି ପର୍ଯ୍ୟନ୍ତ ୭ କୋଟିରୁ ଅଧିକ ପ୍ରାର୍ଥୀଙ୍କୁ କୌଣସି କାଗଜପତ୍ର ଲିକ୍, ପ୍ରତିରୂପଣ, ଦୂରବର୍ତ୍ତୀ ଲଗ୍-ଇନ୍ ଏବଂ ଗୁପ୍ତଚର ଡିଭାଇସ୍ ବ୍ୟବହାର ବିନା କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପରୀକ୍ଷା କରାଯାଇଛି ।

ଏହା କିପରି ସମ୍ଭବ ହେଲା - ପରୀକ୍ଷା ପରିଚାଳନା ସଂସ୍ଥାର ଚୟନ, ଖୋଲା ଟେଣ୍ଡର, ମାନଦଣ୍ଡ କ୍ୟୁସିବିଏସ୍ ଓ ଆଇଏସ୍ଓ ପ୍ରମାଣପତ୍ର, ଆର୍ଥିକ, ସିଇଆରଟି-ଆଇଏନ୍ ପ୍ରମାଣପତ୍ର, ସିଏମ୍ଏମ୍ଆଇ ପ୍ରମାଣପତ୍ର, ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ - କେନ୍ଦ୍ର ସଂଖ୍ୟା, ପୂର୍ବ ଅଭିଜ୍ଞତା, ରେଳୱେ ଦଳ ଦ୍ୱାରା ପରୀକ୍ଷା କେନ୍ଦ୍ର ଅଡିଟିଂ, ସମସ୍ତ ଉପଲବ୍ଧ ସୁବିଧା ପାଇଁ ଅଡିଟିଂ ଚେକଲିଷ୍ଟ - ବାହାରେ ବାଥରୁମ୍ ଅନୁମତି ନାହିଁ, ୧୦୦% ସିସିଟିଭି କଭରେଜ୍ ଏବଂ ରେକର୍ଡିଂ ଆରମ୍ଭ ୨ ଘଣ୍ଟା ପୂର୍ବ ପରୀକ୍ଷା ଏବଂ ୧ ଘଣ୍ଟା ପରୀକ୍ଷା ପରେ ଉତ୍ତମ ସମାଧାନ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ସଂଯୋଗ ପାଇଁ ଆଇପି ଆଧାରିତ ସିସିଟିଭି ନିରୀକ୍ଷଣ ଦ୍ୱାରା ପରିଚାଳିତ ହେଉଅଛି । ବାଣିଜ୍ୟିକ ଏବଂ ଅନ୍ୟାନ୍ୟ ଆବାସିକ ଅଞ୍ଚଳରୁ ପୃଥକୀକରଣ, ସର୍ବନିମ୍ନ ୨୫୦ ନୋଡ୍ କ୍ଷମତା ବିଶିଷ୍ଟ କେନ୍ଦ୍ରଗୁଡ଼ିକ ଗ୍ରହଣ କରାଯାଉଛି । ପାୱାର ବ୍ୟାକଅପ୍ ସହିତ ଭିତ୍ତିଭୂମି, ଟେକ୍ନିକାଲ୍ ସ୍ପେସିଫିକେସନ୍ - ସର୍ଭର: ସିପିୟୁ ସ୍ପିଡ୍ ୧.୫ ଜିଏଚ୍ଜେଡ୍ କିମ୍ବା ଅଧିକ ହେବା ଉଚିତ, ଆରଏଏମ୍ ୪ ଜିବି କିମ୍ବା ଅଧିକ ହେବା ଉଚିତ, ସ୍କ୍ରିନ୍ ରିଜୋଲ୍ୟୁସନ୍ ୧୦୨୪X୭୬୮ ହେବା ଉଚିତ, ନୋଡ୍: ଆରଏଏମ୍ ୨ ଜିବି କିମ୍ବା ଅଧିକ ହେବା ଉଚିତ, ସର୍ଭର ପରି ବାକି, ୟୁଏସ୍ବି ଅକ୍ଷମ, ପ୍ରକ୍ସି ଅକ୍ଷମ, ଇଣ୍ଟରନେଟ୍ ଅକ୍ଷମ ଏବଂ ଲଗଇନ୍ ପରେ କୀବୋର୍ଡ ଅକ୍ଷମ, ମାଲିକାନା ଅପରେଟିଂ ସିଷ୍ଟମ୍, ଅଡିଟ୍ ଉଦ୍ଦେଶ୍ୟରେ ସମସ୍ତ ମାଉସ୍ ଏବଂ କୀ କ୍ଲିକ୍ ଟାଇମ୍ ଷ୍ଟାମ୍ପ ସହିତ ରେକର୍ଡ କରାଯିବା ଉଚିତ । ପରୀକ୍ଷା ସହର ବିଷୟରେ ସୂଚନା ପରୀକ୍ଷାର ପ୍ରକୃତ ତାରିଖର ପ୍ରାୟ ଦଶ ଦିନ ପୂର୍ବରୁ ପ୍ରକାଶିତ ହୋଇଥାଏ । ପରୀକ୍ଷା ସ୍ଥାନ/କେନ୍ଦ୍ର ପରୀକ୍ଷାର କେବଳ ଚାରି ଦିନ ପୂର୍ବରୁ ଉପଲବ୍ଧ ହୋଇଥାଏ । ମାନୁଆଲ୍ ହସ୍ତକ୍ଷେପକୁ ଏଡ଼ାଇ ଏକ କମ୍ପ୍ୟୁଟରାଇଜ୍ଡ ରାଣ୍ଡମାଇଜ୍ ଜେନେରେସନ୍ ମାଧ୍ୟମରେ ପରୀକ୍ଷା କେନ୍ଦ୍ର ବଣ୍ଟନ କରାଯାଏ । କେନ୍ଦ୍ର ଭିତରେ, ଲ୍ୟାବ୍ ଏବଂ ବଫର ନୋଡ୍ ସମେତ ନୋଡ୍ ଆବଣ୍ଟନ, ସମସ୍ତ ସ୍ୱୟଂଚାଳିତ, ରାଣ୍ଡମାଇଜ୍ ଜେନେରେଟେଡ୍ ହୋଇଥାଏ । ପରିଚାଳନା ଦଳ ଏବଂ କେନ୍ଦ୍ରର ଲୋକମାନେ ପରୀକ୍ଷାର ମାତ୍ର ଦୁଇ ଘଣ୍ଟା ପୂର୍ବରୁ ପ୍ରାର୍ଥୀଙ୍କ ବିଷୟରେ ସୂଚନା ପାଆନ୍ତି । ପରୀକ୍ଷା କେନ୍ଦ୍ରଗୁଡ଼ିକରେ, ହ୍ୟାଣ୍ଡ-ହେଲ୍ଡ ମେଟାଲ ଡିଟେକ୍ଟର ସାହାଯ୍ୟରେ ପ୍ରାର୍ଥୀମାନଙ୍କର ଯାଞ୍ଚ ଏବଂ ତଲାସି କରାଯାଏ । ପରୀକ୍ଷା ପ୍ରବେଶ ପୂର୍ବରୁ ଏବଂ ପରୀକ୍ଷାର ମଧ୍ୟଭାଗ ପରେ ଏବଂ ପ୍ରତ୍ୟେକ ବାୟୋ ବ୍ରେକ୍ ପରେ ବାୟୋମେଟ୍ରିକ୍ ଉପସ୍ଥାନ (ଏଲ୍‌ଟିଆଇ ଏବଂ ଡିଜିଟାଲ୍ ଉଭୟ) ନିଆଯାଇଥାଏ । ଏକ ହସ୍ତଲିଖନ ନମୁନା ମଧ୍ୟ ନିଆଯାଇଥାଏ । ପରୀକ୍ଷାର ସମସ୍ତ ପର୍ଯ୍ୟାୟରେ ଏବଂ ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ଏହି ପ୍ରକ୍ରିୟା ପୁନରାବୃତ୍ତି କରାଯାଏ । ପରୀକ୍ଷା କେନ୍ଦ୍ରରେ ଆଧାର ଆଧାରିତ ପ୍ରମାଣୀକରଣ କରାଯାଏ । ଏନ୍:ଏନ୍ ତୁଳନା - ସମାଧାନକାରୀ ଦଳ ଚିହ୍ନଟ ପାଇଁ ସିଫ୍ଟ, ଇଭେଣ୍ଟ ମଧ୍ୟରେ ତୁଳନା, ପ୍ରଶ୍ନପତ୍ର ଅତ୍ୟନ୍ତ ଏନକ୍ରିପ୍ଟ ହୋଇଥିବା ଫର୍ମରେ (୨୫୬-ବିଟ୍ ଏନକ୍ରିପ୍ସନ) । ଶେଷ ମୁହୂର୍ତ୍ତରେ ଡିକ୍ରିପ୍ସନ କେବଳ ସେତେବେଳେ ହୁଏ ଯେତେବେଳେ ପ୍ରାର୍ଥୀ ପ୍ରକୃତରେ ଲଗ୍ ଇନ୍ କରନ୍ତି । କୌଣସି ଦୁଇ ପ୍ରାର୍ଥୀ ପ୍ରତ୍ୟେକ ପ୍ରଶ୍ନ ପାଇଁ ସମାନ ପ୍ରଶ୍ନ ଏବଂ ବିକଳ୍ପ ପାଆନ୍ତି ନାହିଁ । ସବୁକିଛି ଅନିୟମିତ ଏବଂ ଅଦଳବଦଳ କରାଯାଏ । ପ୍ରାର୍ଥୀ ଦ୍ୱାରା କରାଯାଇଥିବା ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ ଏକ ସମ୍ପୂର୍ଣ୍ଣ ଲଗ୍ ରଖାଯାଏ ଯାହା ନିର୍ଣ୍ଣୟ କରେ ଯେ ସେ କିପରି ପ୍ରଶ୍ନଗୁଡ଼ିକୁ ଚେଷ୍ଟା କରିଛନ୍ତି । ଯାଞ୍ଚର ତିନୋଟି ପୃଥକ ସ୍ତର: ଇସିଆଇ ଦଳ ଯାଞ୍ଚ, ଅଧିକାରୀ ଏବଂ ସୁପରଭାଇଜରଙ୍କ ଦ୍ୱାରା ରେଳବାଇ ଯାଞ୍ଚ, ରେଳବାଇ ସତର୍କତା ଦଳ ଦ୍ୱାରା ଆଶ୍ଚର୍ଯ୍ୟଜନକ ଯାଞ୍ଚ, ପ୍ରଥମ ଏବଂ ଦ୍ୱିତୀୟ ଦଳଗୁଡ଼ିକୁ ପରୀକ୍ଷାଗାର ଏବଂ କେନ୍ଦ୍ର ମଧ୍ୟରେ ସମୟ ସମୟରେ ଅଦଳବଦଳ କରାଯାଏ । ଫଳସ୍ୱରୂପ, କିଛି ପ୍ରକାରର ଭୁଲ୍ / ଅନୁଚିତ ଉପାୟରେ ଜଡିତ ଅନେକ ପ୍ରାର୍ଥୀ ନିୟମିତ ଭାବରେ ଧରାପଡୁଛନ୍ତି । ଯୋଗ୍ୟତା ମାନଦଣ୍ଡ: ଯୋଗ୍ୟତାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯଥା ଜାତି, ପ୍ରମାଣପତ୍ର ନମ୍ବର, ମୋବାଇଲ୍ ନମ୍ବର, ପରିଚୟପତ୍ରର ଚିହ୍ନ, ଫଟୋଗ୍ରାଫ୍ ଏବଂ ଦସ୍ତଖତ, ଜନ୍ମ ତାରିଖ, ଏବଂ ଯୋଗ୍ୟତା ସ୍ପଷ୍ଟ ଭାବରେ ପରିଭାଷିତ ଏବଂ ହସ୍ତଗତ । ନକଲି ଆବେଦନଗୁଡ଼ିକୁ ଚିହ୍ନଟ କରିବା ପାଇଁ ଆବେଦନରେ କ୍ୟୁଆର କୋଡ୍ ରହିବ । ପ୍ରାର୍ଥୀଙ୍କ ସତ୍ୟତା ପ୍ରତିପାଦନ କରିବା ପାଇଁ ପ୍ରବେଶପତ୍ରରେ ଏକ ବାରକୋଡ୍ ରହିବ । କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟିଏସ୍)ରେ, ପ୍ରାର୍ଥୀମାନଙ୍କୁ ସଠିକ୍ ଉତ୍ତର କୀ ସହିତ ସେମାନଙ୍କର ପ୍ରଶ୍ନପତ୍ର, ଉତ୍ତର ପୁସ୍ତିକା ଦେଖାଯାଏ । ସେମାନଙ୍କୁ ପ୍ରଶ୍ନ ଏବଂ ଉତ୍ତର କୀଗୁଡ଼ିକର ସଠିକତା ସମ୍ପର୍କରେ ଆପତ୍ତି ଉଠାଇବାର ସୁଯୋଗ ମଧ୍ୟ ଦିଆଯାଏ ।

# ଭାରତୀୟ ନୌସେନାର ମୋଟର କାର ରାଲି ଏହାର ଗୌରବମୟ ସେବାକୁ ଅଧିକ ଋଦ୍ଧିମନ୍ତ କରିବ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶ ପ୍ରତି ଭାରତୀୟ ନୌସେନାର ଏକ ଗୌରବମୟ ସେବାର ସମୃଦ୍ଧ ଇତିହାସ ରହିଛି । ଭାରତୀୟ ନୌସେନା ଆନୁକୂଲ୍ୟରେ ଦେଶର ପୂର୍ବ-ତଟରେ ମୋଟର କାର ରାଲି ଦେଶ ପ୍ରତି ଏହାର ଗୌରବମୟ ସେବାକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ।

ଗୁରୁବାର ମୋଟର କାର ରାଲିରେ ଅଂଶ ଗ୍ରହଣ କରିଥିବା ନୌସେନାର ଅଧିକାରୀ / କର୍ମକର୍ତ୍ତାଙ୍କ ସହ ରାଜଭବନର ଅଭିଷେକ ହଲ୍ ଠାରେ ଭାବ ବିନିମୟ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଉକ୍ତ କାର ରାଲି କେବଳ ଏକ ଯାତ୍ରା ନୁହେଁ । ରାଲିରେ ଅଂଶ ଗ୍ରହଣକାରୀମାନେ ଯୁବ ସମୁଦାୟ ଏବଂ ନାଗରିକମାନଙ୍କ ନିକଟରେ ପହଞ୍ଚି ଭାରତୀୟ ନୌସେନାରେ ଥିବା କ୍ୟାରିୟର ସମ୍ଭାବନା ସଂପର୍କରେ ସଚେତନ କରାଇବେ । ଦେଶର ସୈନିକ ସ୍କୁଲମାନଙ୍କରେ ଝିଅମାନଙ୍କର ଆଡମିସନ୍ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନେଇଥିବା ଐତିହାସିକ ନିଷ୍ପତ୍ତିକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଏହା ସମାଜକୁ ଏକ ସକରାତ୍ମକ ବାର୍ତ୍ତା ଦେଉଛି ବୋଲି କହିଥିଲେ ।



ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଭାରତୀୟ ନୌସେନା ସହିତ ଥିବା ତାଙ୍କର ସୁଖଦ ସ୍ମୃତି ମନେପକାଇବା ସହିତ ଦେଶର ସୁରକ୍ଷା ପ୍ରତି ଭାରତୀୟ ନୌସେନାର ଉତ୍କର୍ଷତା, ସମର୍ପଣ ଏବଂ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏକ ମହତ୍ ଉଦ୍ଦେଶ୍ୟ ନେଇ ଭାରତୀୟ ନୌସେନାର ଏଭଳି ମୋଟର କାର ରାଲି ଆୟୋଜନକୁ ରାଜ୍ୟପାଳ ପ୍ରଶଂସା କରିବା ସହିତ ଏହା ଅଂଶଗ୍ରହଣକାରୀମାନଙ୍କୁ ଅନେକ ଉପଲବ୍ଧି ଓ ମଧୁର ସ୍ମୃତି ପ୍ରଦାନ କରିବ ଏବଂ ଏହି ଅଭିଯାନ ସାମୁଦ୍ରିକ ସଚେତନତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରିଥିଲେ ଏବଂ ମୋଟର କାର ରାଲିର ସଫଳତା କାମନା କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲେଫ୍ଟନାଣ୍ଟ କମାଣ୍ଡର ଅବିନାଶ କ୍ଷେତ୍ରୀଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ର ଲେଫ୍ଟନାଣ୍ଟ କମାଣ୍ଡର ଜୁବିନ ଜନ୍ ପ୍ରାରମ୍ଭରେ ମୋଟର କାର ରାଲିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ମୋଟର କାର ରାଲି ଚଳିତ ମାର୍ଚ୍ଚ ୩ ତାରିଖରେ କୋଲକତାର ଆଇଏନ୍‌ଏସ ସୁଭାଷରୁ ଶୁଭାରମ୍ଭ ହୋଇଥିଲା । ଏହି ଅଭିଯାନ ଚଳିତ ମାର୍ଚ୍ଚ ୨୧ ମଧ୍ୟରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଯାଇ ତାମିଲନାଡୁ ରାଜ୍ୟର ଚେନାଇରେ ସମାପ୍ତ ହେବ । ରାଲି ପ୍ରାୟ ୩୮୦୦ କି.ମି ଯାତ୍ରା କରିବ ଏବଂ ଏହି ଅବସରରେ ଅଂଶଗ୍ରହଣକାରୀମାନେ ସ୍କୁଲ, କଲେଜ, ପରିଦର୍ଶନ କରିବେ ଏବଂ ଛାତ୍ରଛାତ୍ରୀ, ଯୁବପୀଢ଼ି, ନାଗରିକ ତଥା ନୌସେନାର ପୂର୍ବତନ ସୈନିକ, ବୀରାଙ୍ଗନାମାନଙ୍କ ସହିତ ବାର୍ତ୍ତାଳାପ ଜରିଆରେ ନାରୀ ଶକ୍ତି ଓ ମହିଳା ସଶକ୍ତିକରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ତଥା ଭାରତୀୟ ନୌସେନା ସଂପର୍କରେ ସଚେତନ କରାଇବେ ।

# ଡ.ଅଜିତ ରତ୍ନାକର ଆରବିଆଇର ନୂଆ ଇଡି ନିଯୁକ୍ତ

**ନୂଆଦିଲ୍ଲୀ,**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଡ. ଅଜିତ ରତ୍ନାକର ଯୋଶୀଙ୍କୁ ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତ କରିଛି । ଆଗାମୀ ୩ ବର୍ଷ ଲାଗି ସେ ଏହି ପଦବୀରେ କାର୍ଯ୍ୟ କରିବେ । ପଦୋନ୍ନତୀ ପୂର୍ବରୁ ଶ୍ରୀ ଯୋଶୀ ଡିପାର୍ଟମେଣ୍ଟ ଅଫ୍ ଷ୍ଟାଟିଷ୍ଟିକ୍ସ ଇନଫରମେଶନ ମ୍ୟାନେଜମେଣ୍ଟ (ଡିଏସ୍ଆଇଏମ୍)ର ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ । ଡିସିଆଇଏମ୍ ସହ ସେ ଏବେ ବିତ୍ତୀୟ ସ୍ଥିରତା ବିଭାଗ ଦାୟିତ୍ୱରେ ରହିବେ । ନୀତି ନିର୍ଦ୍ଧାରଣ ଲାଗି ପରିସଂଖ୍ୟାନ ଡାଟାର ସଠିକତା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା ଉପରେ ଶ୍ରୀ ଯୋଶୀ କାର୍ଯ୍ୟ କରିବେ ବୋଲି କହିଛି ଆରବିଆଇ । ଏହାବାଦ ସେ ବ୍ୟାଙ୍କିଂ କ୍ଷେତ୍ରର କ୍ରିଟିକାଲ ଫାଇନାନ୍ସିଆଲ ଷ୍ଟାବିଲିଟି ଦିଗ ଉପରେ ମଧ୍ୟ ଧ୍ୟାନ ରଖିବେ । ଶ୍ରୀ ଯୋଶୀଙ୍କ ନିକଟରେ ଦୀର୍ଘ ୩ ଦଶନ୍ଧିର ଅଭିଜ୍ଞତା ରହିଛି । ପରିସଂଖ୍ୟାନ ବାଦ ଆଇଟି ଏବଂ ସାଇବର ରିସ୍କ ପରିଚାଳନା ସହ ହାଇଦ୍ରାବାଦ ସ୍ଥିତ ଇନଷ୍ଟିଚ୍ୟୁଟ ଫର ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ ଇନ୍ ବ୍ୟାଙ୍କିଂ ଟେକ୍ନୋଲୋଜିରେ ଫାକଲ୍ଟି ମେମ୍ବର ଭାବେ ମଧ୍ୟ ସେ କାମ କରିଛନ୍ତି । ନାଗପୁର ବିଶ୍ୱବିଦ୍ୟାଳୟରୁ ପରିସଂଖ୍ୟାନରେ ମାଷ୍ଟର ଡିଗ୍ରୀ ଏବଂ ଆଇଆଇଟି ମାଡ୍ରାସରୁ ମନିଟାରି ଇକୋନୋମିକ୍ସରେ ସେ ପିଏଚ୍‌ଡି କରିଛନ୍ତି ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଏକ କୋଟି ...

କରିଛନ୍ତି । ସୁଭଦ୍ରା ଯୋଜନାକୁ ଆହୁରି ସଶକ୍ତ କରି ମହିଳାମାନଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ସୁଭଦ୍ରାରେ ପ୍ରଥମ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୨୫,୨୯,୭୨୦ ଜଣ, ଏହିପରି ଦ୍ୱିତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ମୟୂରଭଞ୍ଜର ବାରିପଦା ଠାରେ ୩୫,୦୦,୦୦୪ ଜଣ, ତୃତୀୟ ପର୍ଯ୍ୟାୟ ବିତରଣ କାର୍ଯ୍ୟକ୍ରମ ସୁନ୍ଦରଗଡଠାରେ ୨୦,୦୦,୦୧୭ ଜଣ ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ, ଏହିପରି ମୋଟ ୯୮ ଲକ୍ଷରୁ ଊର୍ଦ୍ଧ୍ୱ ଓଡିଶାର ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏହି ଯୋଜନାରେ ଲାଭାନ୍ୱିତ ହୋଇ ସାରିଛନ୍ତି । ଆଜିର ପଞ୍ଚମ ପର୍ଯ୍ୟାୟରେ ୨ ଲକ୍ଷ ୩୪ ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୫୦୦୦ ଟଙ୍କା ଲେଖାଏଁ ମୋଟ ୧୧୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରେରଣ କରାଯାଇଛି । ଏହାକୁ ମିଶାଇ ସୁଭଦ୍ରାରେ ଏକ କୋଟି ୬୪ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟକୁ ୫ ହଜାର ୩୨ କୋଟିରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ଅର୍ଥରାଶି ବିତରଣ କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କୁ ସୁଭଦ୍ରାର ସଫଳତା ପାଇଁ ସେମାନଙ୍କର ଯୋଗଦାନକୁ ସ୍ୱୀକୃତି ପୂର୍ବକ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ । ଏହି କ୍ରମରେ ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କୁ ୧୫୦୦ ଟଙ୍କା ଏବଂ ପ୍ରତ୍ୟେକ ଅଙ୍ଗନବାଡି ସହାୟିକାଙ୍କୁ ୫୦୦ଟଙ୍କା ପ୍ରଦାନ କରାଯିବ । ରାଜ୍ୟ ସରକାର ଏହା ନିମନ୍ତେ ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଖର୍ଚ୍ଚ ବହନ କରିବେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ସହ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟ କରୁଥିବା ସମସ୍ତ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଏକ ସୁସ୍ଥ ଭବିଷ୍ୟତ ...

ଯୋଗାଉଥିବା ବୃତ୍ତିଧାରୀ ବିଶେଷକରି ସରକାରୀ ହସ୍ପିଟାଲରେ ଥିବା ଡାକ୍ତରଙ୍କୁ, ଜେନେରିକ୍ ବିକଳ୍ପ ଲେଖିବାକୁ ପ୍ରୋତ୍ସାହିତ କରାଯାଉଛି । ଏହା ଦ୍ୱାରା ମୂଲ୍ୟ-ପ୍ରଭାବଶାଳୀ ଚିକିତ୍ସାବିକଳ୍ପ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି । ବ୍ରାଣ୍ଡେଡ୍ ଔଷଧଗୁଡ଼ିକ ସେମାନଙ୍କର ଅଣ-ବ୍ରାଣ୍ଡେଡ୍ ଜେନେରିକ୍ ସମକକ୍ଷ ମୂଲ୍ୟ ତୁଳନାରେ ଯଥେଷ୍ଟ ଅଧିକ ମୂଲ୍ୟରେ ବିକ୍ରି ହୁଏ, ଯଦିଓ ଏଗୁଡ଼ିକ ସେମାନଙ୍କର ଚିକିତ୍ସା ମୂଲ୍ୟରେ ସମାନ ରହିଥାଏ । ଅପରପକ୍ଷେ ଆମ ଦେଶ ସାରା ବିଶ୍ୱରେ ଜେନେରିକ୍ ଔଷଧର ଏକ ପ୍ରମୁଖ ରପ୍ତାନିକାରୀ ହୋଇଥିଲେ ମଧ୍ୟ ଅଧିକାଂଶ ଭାରତୀୟଙ୍କ ପାଖରେ ସୁଲଭ ଔଷଧ ପାଇଁ ପର୍ଯ୍ୟାପ୍ତ ପ୍ରବେଶ ନାହିଁ । ଏଣୁ ସଚେତନତା ପ୍ରସାର ଆବଶ୍ୟକତା ରହିଛି । ଏହି ଯୋଜନା ଅଧୀନରେ ଖାଲି ଔଷଧ ସୁଲଭ ମୂଲ୍ୟରେ ମିଳୁଛି ତା ନୁହେଁ, ଭାରତୀୟ ମହିଳାମାନଙ୍କ ସ୍ୱାସ୍ଥ୍ୟସୁରକ୍ଷା ସୁନିଶ୍ଚିତକରିବା ଲକ୍ଷ୍ୟ ନେଇ ଜନ ଔଷଧି ସୁବିଧା ଅକ୍ସୋ-ବାୟୋଡିଗ୍ରେଡେବଲ୍ ସାନିଟାରୀ ନାପକିନ୍ ମଧ୍ୟ ଉପଲବ୍ଧ କରାଯାଉଛି । ଏହି ଯୋଜନା ୨୭ ଅଗଷ୍ଟ ୨୦୧୯ ରେ ଆରମ୍ଭ କରାଯାଇଥିଲା, ଯାହାଦ୍ୱାରା ୧ ଟଙ୍କାରେ ଗୋଟିଏ ପ୍ୟାଡ୍ ଉପଲବ୍ଧ ହୋଇପାରୁଛି । ଦେଶବ୍ୟାପୀ ୧୫ହଜାରରୁ ଅଧିକକେନ୍ଦ୍ରରେ ଜନ ଔଷଧି ସୁବିଧା ନାପକିନ୍ ବିକ୍ରୟ ହେଉଛି । ଏଥିପ୍ରତି ମହିଳାଙ୍କ ଆଗ୍ରହ ମଧ୍ୟ ବୃଦ୍ଧି ପାଇଛି । ଏକ ହିସାବ ଅନୁସାରେ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସୁବିଧା ୭୨ କୋଟି ନାପ୍କିନ୍ସ ବିକ୍ରି ହୋଇଛି । ଜନ ଔଷଧି କେନ୍ଦ୍ର ଓ ଔଷଧ ଖୋଜିବା ଲାଗି ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ଉପଲବ୍ଧ କରାଯାଇଛି । ଏହା ମାଧ୍ୟମରେ ଔଷଧର ମୂଲ୍ୟ, ସାମଗ୍ରିକ ସଞ୍ଚୟ ଅନୁସାରେ ଜେନେରିକ୍ ବନାମ ବ୍ରାଣ୍ଡେଡ୍ ଔଷଧର ମୂଲ୍ୟ ତୁଳନା ବି ସମ୍ଭବ ହେଉଛି । ଜନ ଔଷଧି ଔଷଧର ମୂଲ୍ୟ ଖୋଲା ବଜାରରେ ଉପଲବ୍ଧ ବ୍ରାଣ୍ଡେଡ୍ ଔଷଧର ମୂଲ୍ୟ ତୁଳନାରେ ୫୦ ରୁ ୮୦ ପ୍ରତିଶତ କମ୍ । ଉତ୍ପାଦଗୁଡ଼ିକର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ କେବଳ ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରମାଣିତ ନିର୍ମାତାମାନଙ୍କଠାରୁ ଔଷଧ କ୍ରୟ କରାଯାଇଥାଏ । ଏହା ବ୍ୟତୀତ ସର୍ବୋତ୍ତମ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ 'ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ୍ ଲାବୋରେଟୋରିଜ୍' (ଏନ୍ଏବିଏଲ୍) ଦ୍ୱାରାସ୍ୱୀକୃତିପ୍ରାପ୍ତ ପରୀକ୍ଷାଗାରଗୁଡ଼ିକରେ ଔଷଧର ପ୍ରତ୍ୟେକ ବ୍ୟାଚ ପରୀକ୍ଷଣ କରାଯାଏ ।

## ସରିଲା ମାଟ୍ରିକ ...

ପ୍ରକୋଷ୍ଠରୁ ଭାଇରାଲ କରାଯାଇଛି, ତାହା ସହଜରେ ଜାଣିବାର ବ୍ୟବସ୍ଥା କରାଯାଇଥିଲା । ପ୍ରଶ୍ନପତ୍ରଟି ଏଭଳି ପ୍ରସ୍ତୁତି ହୋଇଥିଲା ଯେ, କ୍ୟୁଆର କୋଡକୁ ଲିଭାଇବାକୁ ଚେଷ୍ଟା କଲେ, ପ୍ରଶ୍ନ ଲିଭିଯିବ । ଏହା ବ୍ୟତୀତ ରାଜ୍ୟର ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଣ୍ଟରରେ ସିସି କ୍ୟାମେରା ଖଞ୍ଜାଯାଇଥିଲା । ୩୧୪ ନୋଡାଲ ସେଣ୍ଟର ସମେତ ୬ଶହ ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲାଇଭ ଭିଡିଓ ବ୍ୟବସ୍ଥା କରାଯାଇଥିଲା ।

## ମନ୍ଦାକିନୀ କର ...

ଅଭିଯୋଗ ଆଧାରରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ଏହା ବିରୋଧରେ ଅଧକ୍ଷା ଓ ସଦସ୍ୟ ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ ଆବେଦନ ଖାରଜ କରିବା ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ଆମେରିକା ପରେ...

ଗ୍ରହଣ କରିଛନ୍ତି । ବ୍ରିଟେନରେ ଏହି ଅଭିଯାନ ପରେ ଭାରତୀୟ ସମ୍ପ୍ରଦାୟଙ୍କ ଚିନ୍ତା ବଢ଼ିଯାଇଛି । ବିଶେଷକରି ଛୋଟ ବ୍ୟବସାୟ ମାଲିକମାନେ ଅଧିକ ଚିନ୍ତିତ, ଯେଉଁମାନେ ଡରୁଛନ୍ତି ଯେ ଯଦି ସେମାନଙ୍କ କର୍ମଚାରୀଙ୍କ ମଧ୍ୟରୁ କେହି ବେଆଇନ ପ୍ରବାସୀ ହୋଇଥାଆନ୍ତି । ତେବେ ସେମାନଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡ଼ିପାରେ ।

## ପୁଣି ଲେଉଟିଲା...

ସୂଚନା ମିଳିଛି । ଦିନର ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବା ସହ ପ୍ରବଳ ଖରା ଅନୁଭୂତ ହେଉଥିବା ବେଳେ ସଞ୍ଜ ନଇଁଲେ ଥଣ୍ଡା ଆରମ୍ଭ ହେଉଛି ରାତି ବଢ଼ିବା ସହ ଥଣ୍ଡାର ପ୍ରକୋପ ବି ଅନୁଭୂତ ହେଉଛି ଭୋରରୁ ଅଧିକ ଥଣ୍ଡା ଅନୁଭୂତ ହେଉଥିବା ବେଳେ ସକାଳ ୮ ଟା ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଛି । ଶୀତଋତୁରେ ଚଳିତ ବର୍ଷ ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡା ସହର ଭାବେ ଘୁ.ଉଦୟଗିରି ସ୍ଥାନିତ ହୋଇଥିବା ବେଳେ ଗୁରୁବାର ୧୦ଡିଗ୍ରୀ ତାପମାତ୍ରା ତଳେ ସହରର ତାପମାତ୍ରା ରହିଛି ।

## ୟୁପିଆଇରେ ବଡ...

ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ନିୟମିତ ଭାବେ ସେମାନଙ୍କର ସିଷ୍ଟମକୁ ଅପଡେଟ କରିବେ । ଏହି ବୈଠକ ସମୟରେ ଅନେକ ଗ୍ରୁପ୍‌ରେ ଚର୍ଚ୍ଚା କରାଯାଇଥିଲା । ଏହାର ବୈଠକର ଉଦ୍ଦେଶ୍ୟ ୟୁପିଆଇ ନମ୍ବର ନୂଆ ନିୟମ ଅନୁଯାୟୀ ବ୍ୟାଙ୍କ ଓ ପେମେଣ୍ଟ ସେବାକୁ ନିଜ ତାଲିକାରେ ନିୟମିତ ଅପଡେଟ କରାଯାଇ ପାରିବ । ନମ୍ବର ସେହି ସମୟରେ ହିଁ ଅପଡେଟ୍ ହେବ, ଯେତେବେଳେ ଆପଣଙ୍କ ଅନୁମତି ମିଳିବ । ଆପେର କଦାପି ବାଧ୍ୟତାମୂଳକ ମେସେଜ ମିଳିବ ନାହିଁ । ୟୁପିଆଇ ଉପଭୋକ୍ତାଙ୍କର ପଞ୍ଜିକୃତ ମୋବାଇଲ ନମ୍ବର ଗୁଡିକୁ ଅପଡେଟ କରିବା ଗୁରୁତ୍ୱପୂର୍ଣ୍ଣ ହେବ । ଏହା ଉପଭୋକ୍ତାଙ୍କର ଅନୁମତି ନେବ । ଅପ୍ଟ-ଇନ ବିକଳ୍ପ ରହିବ କୌଣସି ବାଧ୍ୟତାମୂଳକ ସମ୍ମତି ପ୍ରକ୍ରିୟା ହେବ ନାହିଁ । ଏହି ନିୟମ ଅନୁସାରେ ବ୍ୟାଙ୍କଗୁଡିକରେ ନିୟମିତ ବନ୍ଦ ହୋଇଥିବା କିମ୍ବା ନୂଆ ଉପଭୋକ୍ତଙ୍କ ପାଇଁ ପୁନଃ ବଣ୍ଟନ ମୋବାଇଲ ନମ୍ବର ଗୁଡ଼ିକୁ ଡିଲିଟ କରାଯିବ । ଏହାର ୟୁପିଆଇରେ ହେଉଥିବା ତ୍ରୁଟିକୁ ରୋକିବାରେ ସାହାଯ୍ୟ କରିବ । ଡିଜିଟାଲ ପେମେଣ୍ଟକୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ନିୟମ ବେଶ ଗୁରୁତ୍ୱପୂର୍ଣ୍ଣ । ଏନପିସିଆଇ ୧୬ ଜୁଲାଇରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନେଇଥିବା ନିଷ୍ପତ୍ତି ଅନୁଯାୟୀ, ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ନିୟମିତ ଭାବେ ସେମାନଙ୍କର ସିଷ୍ଟମକୁ ଅପଡେଟ କରିବେ । ଏହି ପଦକ୍ଷେପ ଉପଭୋକ୍ତାଙ୍କୁ ଠକେଇରୁ ମଧ୍ୟ ରକ୍ଷା କରିବାରେ ସାହାଯ୍ୟ କରିବ । ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପାଇଁ ଉପଭୋକ୍ତାଙ୍କୁ ନୂଆ ନିୟମ ଅନୁଯାୟୀ, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏନପିସିଆଇ ବ୍ୟାଙ୍କ ଏବଂ ୟୁପିଆଇ ସେବା ପ୍ରଦାନକାରୀଙ୍କୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ୧ ଏପ୍ରିଲ ୨୦୨୫ ଠାରୁ ସମସ୍ତ ବ୍ୟାଙ୍କକୁ ଏନପିସିଆଇକୁ ମାସିକ ରିପୋର୍ଟ ଦେବାକୁ ପଡିବ । ଏଥିରେ ୟୁପିଆଇ ଆଇଡି, ସକ୍ରିୟ ଉପଭୋକ୍ତ, ଅପଡେଟ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ବ୍ୟବସାୟ ଆଦି ଅନ୍ତର୍ଭୁକ୍ତ । ଏହି ରିପୋର୍ଟ ସିଷ୍ଟମର ସ୍ୱଚ୍ଛତା ଓ ସୁରକ୍ଷାକୁ ଅଧିକ ପ୍ରୋତ୍ସାହିତ କରିବ । (ଏନପିସିଆଇ) ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ୟୁପିଆଇକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପରିଚାଳନା କରିଥାଏ । ଏହା ଏକ ସୁରକ୍ଷା ସିଷ୍ଟମ ଓ ଧିରେ ଧିରେ ଏହାର ବିସ୍ତାର ଦୁନିଆର ଅଧିକାଂଶ ଦେଶରେ ହେଉଛି ।

# ସାହିତ୍ୟ ଭାରତୀ ସମ୍ମାନ'ରେ ସମ୍ମାନିତ ହେବେ ବିଶିଷ୍ଟ ସାହିତ୍ୟିକ ଶୈଳଜ ରବି

**କଟକ, ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ସାହିତ୍ୟିକ ଶୈଳଜ ରବି 'ସାହିତ୍ୟ ଭାରତୀ ସମ୍ମାନ'ରେ ସମ୍ମାନିତ ହେବେ । ୨୦୨୪ ପାଇଁ ଶୈଳଜ ରବିଙ୍କୁ ମିଳିବ ଏହି ସମ୍ମାନ । ପୁରସ୍କାର ରାଶି ବାବଦରେ ତାଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସାହିତ୍ୟ ଭାରତୀ ସମ୍ମାନ ପ୍ରତିବର୍ଷ ଗଙ୍ଗାଧର ରଥ ଫାଉଣ୍ଡେସନ ତରଫରୁ ସାହିତ୍ୟ କୃତି ପାଇଁ ସାରସ୍ୱତ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଏ । ଏହି ପୁରସ୍କାର ୧୯୯୫ ମସିହାରୁ ପ୍ରଦାନ କରାଯାଉଛି । ପୁରସ୍କାରରେ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିମୂର୍ତ୍ତୀ ସହିତ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ପରମ୍ପରା ରହିଛି । ରବୀନ୍ଦ୍ରନାଥ ସାହୁ, ଶୈଳଜ ରବି ଭାବେ ଜଣାଶୁଣା । ସେ ଜଣେ ଓଡ଼ିଆ ସାହିତ୍ୟିକ ଓ ସର୍ବୋଦୟ କର୍ମୀ । ସେ ଓଡ଼ିଆରେ କବିତା ଓ ନନ୍ଦନତତ୍ତ୍ୱ, ଲୋକବିଦ୍ୟା, ସାହିତ୍ୟତତ୍ତ୍ୱ ଓ କଳା ସଂପର୍କିତ ତୁଳନାତ୍ମକ ଓ ଆନ୍ତର୍ବିଦ୍ୟାଭିତ୍ତିକ ପ୍ରବନ୍ଧ ଆଦି ରଚନା କରିଛନ୍ତି । ସେ ୨୦୦୨ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇ ପ୍ରତ୍ୟାଖାନ କରିଥିଲେ । ସେ ଓଡ଼ିଆରେ ଐକତାନ ଓ ଇଂରାଜୀରେ ଚବକ୍-ରଭଞ୍ଚ୍ସ୍ୱ ୫ ଚରୟବଶକ୍ଟଶଙ୍କରଶ୍ୱ ନାମକ ପତ୍ରିକା ସମ୍ପାଦନା କରିଛନ୍ତି । ଜଣେ ଚିତ୍ରଶିଳ୍ପୀ ଭାବେ ସେ ଅନେକ ପୁସ୍ତକର ପ୍ରଚ୍ଛଦ ଆଙ୍କିଛନ୍ତି । ଗଙ୍ଗାଧର ରଥ ଫାଉଣ୍ଡେସନ ଦ୍ୱାରା ଦିଆଯାଉଛି 'ସାହିତ୍ୟ ଭାରତୀ ସମ୍ମାନ' । ୧୯୯୫ରୁ ଦୀର୍ଘ ୩୦ ବର୍ଷ ଧରି ଓଡ଼ିଆ ସାହିତ୍ୟକୁ ନୂଆ ଦିଗ ଦେଇଥିବା ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ମାନିତ କରିବା ଲାଗି ନିରନ୍ତର କାର୍ଯ୍ୟ କରିଆସିଛି ଏହି ଫାଉଣ୍ଡେସନ୍ । ଏଥର 'ସାହିତ୍ୟ ଭାରତୀ ସମ୍ମାନ'ରେ ସମ୍ମାନିତ ହେବାକୁ ଯାଉଛନ୍ତି ସାହିତ୍ୟିକ ଶୈଳଜ ରବି ।

# ସମୃଦ୍ଧ ଓଡ଼ିଶା ଗଠନରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ




**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ସଦର ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ମହାନ ଜନନାୟକ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୯ ତମ ଜନ୍ମଜୟନ୍ତୀ ପାଳନ ଓ ସମୃଦ୍ଧ ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ବିଜେଡି ଉପସଭାପତି ଦୀପ୍ତି ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଂସ୍କୃତି ଭବନ ପରିସରରେ ଅତିଥିଭାବେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ତଥା ପୂର୍ବତନ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଦାସ, ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ଦେବୀପ୍ରସାଦ ଚୌଧୁରୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଇଂ. ସମ୍ବିତ ଲେଙ୍କା, ପ୍ରକାଶ ବସ୍ତିଆ, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଯୁବନେତା ପ୍ରଶାନ୍ତ କୁମାର ମଲ୍ଲିକ, ନାଉଗାଁ ର ବିଜେଡି ନେତା ଦିଲ୍ଲିପ ଲେଙ୍କା ପ୍ରମୁଖ ଯୋଗଦେଇ ବିଜେପି ସରକାର ପଞ୍ଚାୟତ ରାଜ ଦିବସକୁ ପାଳନ ଓ ଛୁଟି ବାତିଲ ନେଇ ନିନ୍ଦା ପ୍ରକାଶ କରିଥିଲେ । ବିଜୁ ପଟ୍ଟନାୟକ କେବଳ ଓଡ଼ିଶାର ନୁହେଁ ସେ ହେଉଛନ୍ତି ରାଷ୍ଟ୍ରର ନେତା । ସରକାର ସେଭଳି ନେତାଙ୍କ ପ୍ରତି ବୈମାତୃକ ମନୋଭାବ ପାଇଁ କ୍ଷମା ଦିଆଯିବ ନାହିଁ । ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀରେ ପଞ୍ଚାୟତ ରାଜ ଦିବସ ପାଳନ ହୋଇଆସୁଥିବାବେଳେ ଚଳିତ ବର୍ଷ ପଞ୍ଚାୟତ ରାଜ ଦିବସ ପାଳନ ନକରି ଓ ଛୁଟି ବାତିଲ କରି ଅସନମ୍ମାନ କରିଥିବା ଆଗାମୀ ଦିନରେ ଓଡ଼ିଶାବାସୀ ଜବାବ ଦେବେ । ପୂର୍ବତନ ବିଧାୟକ ଶ୍ରୀ ମୁଦୁଲି କହିଥିଲେ ଯେ ବିଜୁ ବାବୁ ଓଡ଼ିଶାର ନଥିଲେ ତିନି ଦେଶର ସମ୍ମାନ ଥିଲେ । ତାଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡ଼ଭାନୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ସମ୍ମାନ ଦେଉଥିବାବେଳେ ଓଡ଼ିଶାର ବର୍ତ୍ତମାନ ବିଜେପି ସରକାର ବିଜୁ ବାବୁଙ୍କ ପ୍ରତି ଅସନମାନ କରିଛନ୍ତି । ତାଙ୍କ ସମୟରେ ପଂଚାୟତରାଜ ଗଠନ କରିବା ସହିତ ମା'ଙ୍କୁ ସମ୍ମାନ ଓ ଗାଁକୁ କାମ ଯୋଜନା ପ୍ରଣୟନ କରିଥିଲେ । ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ । ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଣ୍ଟ କରିବା ସହିତ ଓଡ଼ିଶାକୁ ଦିଗଦର୍ଶନ ଦେଇଥିଲେ । ପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ କହିଥିଲେ ଯେ ବିଜୁ ବାବୁ ଜଣେ ନେତା ନଥିଲେ ସେ ଥିଲେ ଭାରତର ଭାଗ୍ୟବିଧାତା, ସେତେବେଳେ ସେ ପ୍ରଧାନମନ୍ତ୍ରୀ ବାଛୁଥିଲେ । ଆଗାମୀ ପଞ୍ଚାୟତ, ମ୍ୟୁନିସିପାଲଟି ଓ ସାଧାରଣ ନିର୍ବାଚନରେ ଏକଜୁଟ ହୋଇ ଏହି ବିଜେପି ସରକାରକୁ ହଟେଇବାକୁ ପଡିବ । ଜଗତସିଂହପୁର ଜିଲ୍ଲାରେ ବିଜୁ ଜନତା ଦଳ କିଭଳି ଭାବେ ସୁଦୃଢ ହେବ ସେଥିପାଇଁ ଏକଜୁଟ ହୋଇ ରହିବାକୁ ପଡିବ । ବିଜେପିର ମିଛ ପ୍ରତିଶ୍ରୁତିକୁ ସାଧାରଣରେ ପରିପ୍ରକାଶ କରିବା ହେଉଛି ଆମ୍ଭମାନଙ୍କର ଦାୟିତ୍ୱ ରହିଛି । ପୂର୍ବତନ ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଜାତୀୟ ପଞ୍ଚାୟତ ରାଜ ଦିବସ କୋଉ ସମ୍ବିଧାନରେ ଉଲ୍ଲେଖ ରହିଛି ବୋଲି ବିଜେପି ନେତାଙ୍କୁ ପ୍ରଶ୍ନ କରିଥିଲେ । ଓଡ଼ିଶାର ଅସ୍ମିତା ଥିଲେ ବିଜୁ ବାବୁ । ତାଙ୍କ ଜନ୍ମ ଜୟନ୍ତୀରେ ପଞ୍ଚାୟତ ରାଜ ଦିବସ ପାଳନ କରାଯାଉଥିଲା । ବିଜେପି ସରକାର ତାକୁ ବନ୍ଦ କରିଦେଲେ ବିଜୁ ବାବୁଙ୍କୁ ସାଢେ ଚାରିକୋଟି ଓଡ଼ିଆଙ୍କ ହୃଦୟରେ ଘର କରଯାଇଛନ୍ତି । ଏହି ଅବସରରେ ବ୍ଲକସ୍ତରୀୟ ନେତା ଅଦ୍ୱୈତ ଚରଣ ଜେନା, କାଳନ୍ଦୀ ପତି, ସରପଞ୍ଚ ଶୁକଦେବ ଜେନା, ପ୍ରଭାତ ମହାନ୍ତି, ସମ୍ବିତ ମହାନ୍ତି, ଜଗନ୍ନାଥ ମୁଦୁଲି, ପ୍ରସନ୍ନ କୁମାର ମହାନ୍ତି, ନିକୁଞ୍ଜ ବେହେରା, ନାଉଗାଁ ବ୍ଲକ ବିଜେଡି ଉପାଧକ୍ଷ ସୁଜିତ ପୁହାଣଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଏବଂ ଶତାଧିକ ମହିଳା ଓ ପୁରୁଷ, ବିଜୁପ୍ରେମୀମାନେ ଯୋଗଦେଇଥିଲେ । ଜିଲ୍ଲା ଛାତ୍ରସଭାପତି ସମ୍ବିତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡାରେ ଜାତୀୟ ସୁରକ୍ଷା ଦିବସ ପାଳନ



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ସ୍ଥିତ ଇଣ୍ଡା ଶିଳ୍ପ ଗୋଷ୍ଠୀ ପକ୍ଷରୁ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଚେତନତା ସଭାରେ କମ୍ପାନୀର ଉପସଭାପତି ବିନୟ ଅଗ୍ରୱାଲ ସୁରକ୍ଷା ପତାକା ଉଦ୍‌ଘାଟନ କରି ନିତିଦିନିଆ ଜୀବନରେ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ପ୍ରତେକ ଦାୟିତ୍ୱବାନ କର୍ମଚାରୀ ନିଜ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ସଂପାଦନା ପ୍ରତି ଧ୍ୟାନ ଦେବା, ନିଷ୍ଠାର ସହ କାମ କରିବା ଓ କାର୍ଯ୍ୟରେ କୌଣସି ତ୍ରୁଟିକୁ ପ୍ରଶୟ ନଦେବା ପାଇଁ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ କର୍ମଚାରୀ ମାନଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ । ପାୱାରପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସଂମ୍ପର୍କିତ ବିଭିନ୍ନ ମହତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ସୁରକ୍ଷା ବିଭାଗ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମାନବସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡିଶା କଂଗ୍ରେସ ପ୍ରଭାରୀ ଦାୟିତ୍ୱ ନେଲେ ଅଜୟ କୁମାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିଲ୍ଲୀ ସ୍ଥିତ ଅଖିଳ ଭାରତ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନରେ ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନବ ନିଯୁକ୍ତ ପ୍ରଭାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅଜୟ କୁମାର ଲଲ୍ଲୁ । ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରଭାରୀ ନିଯୁକ୍ତି ସୁଯୋଗ ଦେବା ନେଇ ଶ୍ରୀ ଲଲ୍ଲୁ କଂଗ୍ରେସ ଦଳର ପୂର୍ବତନ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ , କଂଗ୍ରେସ ଅଧକ୍ଷ ଶ୍ରୀ ମଲ୍ଲିକାର୍ଜୁନ ଖଡଗେ , ସାଂସଦ ରାହୁଲ ଗାନ୍ଧୀ ଏବଂ ସାଂସଦ ପ୍ରିୟଙ୍କା ଗାନ୍ଧୀ ପ୍ରମୁଖଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି ।

ଭୁବନେଶ୍ୱର
୦୭ ମାର୍ଚ୍ଚ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ବନ୍ତାରା ୱାଇଲ୍ଡ ଲାଇଫ୍ ଉଦ୍‌ଘାଟନ କଲେ ପିଏମ ମୋଦି



ନୂଆଦିଲ୍ଲୀ, ୬/୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ଏକ ବନ୍ୟପ୍ରାଣୀ ଉଦ୍ଧାର, ପୁନର୍ବାସ ଏବଂ ସଂରକ୍ଷଣ କେନ୍ଦ୍ର ବନ୍ତାରାର ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ବନ୍ତାରାର ବିଭିନ୍ନ ସୁବିଧା ଯାଞ୍ଚ କରିଥିଲେ। ଗୁଜରାଟରେ ତିଆରି ହୋଇଥିବା ବନ୍ତାରା ସଂରକ୍ଷଣ କେନ୍ଦ୍ର ଦୁଇ ହଜାରରୁ ଅଧିକ ପ୍ରଜାତି ଏବଂ ଦେଢ ଲକ୍ଷରୁ ଅଧିକ ଉଦ୍ଧାର କରାଯାଇଥିବା ପ୍ରାଣୀମାନଙ୍କର ଆବାସ ସ୍ଥଳ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବନ୍ତାରା ସଂରକ୍ଷଣ କେନ୍ଦ୍ରର ଉତ୍କୃଷ୍ଟ ପଶୁ ଚିକିତ୍ସା ସୁବିଧା ଏବଂ ବିରଳ ପ୍ରଜାତି ବିଷୟରେ ସୂଚନା ଦେଇଥିଲେ। ସେ ପଶୁମାନଙ୍କ ଉପରେ ଅସ୍ତ୍ରୋପଚାର ହେଉଥିବା ମଧ୍ୟ ଦେଖିଛନ୍ତି । ତେବେ ବନ୍ତାରା ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସିଂହ, ବାଘ, ଜିରାଫ, ହାତୀ ଏବଂ ଶୁକପକ୍ଷୀ ସମେତ ଅନେକ ପ୍ରାଣୀଙ୍କ ସହିତ ସମୟ ବିତାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏଠାରେ ବିଭିନ୍ନ ପ୍ରଜାତିର ଛୁଆମାନଙ୍କୁ କ୍ଷୀର ଖୁଆଇଥିଲେ। ସେ ଯେଉଁ ଛୁଆମାନଙ୍କ ସହିତ ସମୟ ବିତାଇଥିଲେ ସେମାନଙ୍କ ମଧ୍ୟରେ ଏସିଆଟିକ୍ ଛୁଆ, ଧଳା ସିଂହ, କାରାକଲ ଛୁଆ ଏବଂ ମେଘୁଆ ଚିତାବାଘ ଛୁଆ ଅନ୍ତର୍ଭୁକ୍ତ ଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ଧଳା ସିଂହ ଛୁଆକୁ ଖାଇବାକୁ ଦେଉଥିଲେ, ତାହାର ମାଆକୁ ଉଦ୍ଧାର କରାଯାଇ ବନ୍ତାରାକୁ ଅଣାଯାଇଥିଲା। ଭାରତରେ କାରାକାଲ ସିଂହ ପୂର୍ବରୁ ବହୁତ ସଂଖ୍ୟାରେ ଥିଲେ, କିନ୍ତୁ ଏବେ ସେମାନେ ବିରଳ ହୋଇଯାଉଛନ୍ତି।

# ଶସ୍ତା ଚିକିତ୍ସା ସୁବିଧା ଦେବାରେ ବିଫଳ ରାଜ୍ୟ : ମାର୍ଗଦର୍ଶିକା ଆଣିବାକୁ କେନ୍ଦ୍ରକୁ ପରାମର୍ଶ

ନୂଆଦିଲ୍ଲୀ, ୦୬/୦୩

ରାଜ୍ୟ ସରକାରମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ପଛୁଆ ଅଛନ୍ତି । ସେମାନେ ଲୋକଙ୍କୁ ଶସ୍ତାରେ ଚିକିତ୍ସା ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି । ଏହାଯୋଗୁ ଘରୋଇ ହସ୍ପିଟାଲଗୁଡ଼ିକ ଫାଇଦା ଉଠାଉଛନ୍ତି। ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ତତ୍‌ସହିତ ଏହି ଧାରାକୁ ରୋକିବା ସକାଶେ କେନ୍ଦ୍ର ସରକାର ମାର୍ଗଦର୍ଶିକା ଆଣିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ଅଦାଲତ। ଏକ ପିଟିସନ୍‌ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏଭଳି ଟିପ୍ପଣୀ ଦେଇଛନ୍ତି। ପିଟିସନ୍‌ରେ କୁହାଯାଇଥିଲା ଯେ ରାଜ୍ୟଗୁଡ଼ିକର ଅଧିକାଂଶ ସରକାରୀ ଚିକିତ୍ସାଳୟରେ ଶସ୍ତାରେ ଚିକିତ୍ସା ସେବା ମିଳୁନାହିଁ । ଘରୋଇ ହସ୍ପିଟାଲରେ ରୋଗୀ ଓ ସେମାନଙ୍କ ପରିବାରକୁ ମହଙ୍ଗା ଔଷଧ ଓ ମେଡିକାଲ ଉପକରଣ କିଣିବାକୁ ବାଧ୍ୟ କରାଯାଉଛି । ସମ୍ପୃକ୍ତ ହସ୍ପିଟାଲର ଫାର୍ମାସିରୁ ହିଁ



ଏହି ମହଙ୍ଗା ଔଷଧ ଖରିଦ କରିବାକୁ ଲୋକେ ବାଧ୍ୟ ହେଉଛନ୍ତି । ତେଣୁ ଏହିସବୁ ହସ୍ପିଟାଲଗୁଡ଼ିକୁ ତାଗିଦ୍ କରାଯିବା ଆବଶ୍ୟକ । ଏହାକୁ ରୋକିବା ଲାଗି କେନ୍ଦ୍ର ପକ୍ଷରୁ ରାଜ୍ୟ ସରକାରଙ୍କୁ ଆଦେଶ ଦିଆଯିବା ଉଚିତ । ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍ କେ ସିଂହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ । ଏହି ସମୟରେ କେନ୍ଦ୍ର ନିଜ ଜବାବରେ କହିଥିଲା ଯେ ରୋଗୀମାନଙ୍କୁ ହସ୍ପିଟାଲ୍‌ର ଫାର୍ମାସିରୁ ଔଷଧ କିଣିବାକୁ ବାଧ୍ୟ କରାଯାଉ ନାହିଁ । ଏହା ଉପରେ କୋର୍ଟ ରାଜ୍ୟ ସରକାର ନିଜ ହସ୍ପିଟାଲଗୁଡ଼ିକରେ ଔଷଧ ଓ ମେଡିକାଲ ଉପକରଣ ଆଦି ଶସ୍ତାରେ ଉପଲବ୍ଧ କରାଇବା ଜରୁରି ବୋଲି କହିଥିଲେ । ଯାହାଦ୍ୱାରା ରୋଗୀମାନେ ଶୋଷଣର ଶିକାର ହେବେନାହିଁ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ନିଜ ଲୋକମାନଙ୍କୁ କିଭଳି ଯଥୋଚିତ ସ୍ୱାସ୍ଥ୍ୟସେବା ସୁବିଧା ମିଳିବ, ସେଥିପାଇଁ ବ୍ୟବସ୍ଥା କରିବା ରାଜ୍ୟଗୁଡ଼ିକର ଦାୟିତ୍ୱ । କିଛି ରାଜ୍ୟ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବାରେ ବିଫଳ ହୋଇଛନ୍ତି । ଏହି କାରଣରୁ ଘରୋଇ ହସ୍ପିଟାଲଗୁଡ଼ିକର ମନମୁଖୀ ବୃଦ୍ଧି ପାଇଛି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆହୁରି କହିଛନ୍ତି, ଆବେଦନକାରୀଙ୍କ ସହ ଆମେ ଏକମତ ଅଛୁ । କିନ୍ତୁ ଏହାକୁ କିଭଳି ନିୟନ୍ତ୍ରଣ କରାଯିବ, ତାହା ଚିନ୍ତାର ବିଷୟ । ତେବେ ନିଜ ଫାର୍ମାସିରୁ ଆପେକ୍ଷିକ ଅଧିକ ଦାମରେ ଔଷଧ କିଣିବାକୁ ରୋଗୀଙ୍କୁ ବାଧ୍ୟ କରୁଥିବା ଘରୋଇ ହସ୍ପିଟାଲଗୁଡ଼ିକୁ ନିୟନ୍ତ୍ରଣ ଲାଗି ଅଦାଲତ ରାଜ୍ୟ ସରକାରମାନଙ୍କୁ କହିଛନ୍ତି । କୋର୍ଟ କେନ୍ଦ୍ର ସରକାରଙ୍କୁ ଏଥିପାଇଁ ମାର୍ଗଦର୍ଶିକା ଆଣିବା ଲାଗି ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଘରୋଇ ହସ୍ପିଟାଲଗୁଡ଼ିକରେ ସାଧାରଣ ଲୋକଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ । ଏହା ପୂର୍ବରୁ ସୁପ୍ରିମକୋର୍ଟ ଏହି ମାମଲାରେ ରାଜ୍ୟଗୁଡ଼ିକୁ ନୋଟିସ ଜାରି କରିଥିଲେ । ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ବିହାର, ତାମିଲନାଡୁ, ହିମାଚଳ ପ୍ରଦେଶ ଓ ରାଜସ୍ଥାନ ସମେତ ଅନେକ ରାଜ୍ୟ ନିଜ ଜବାବ ଦାଖଲ କରିଥିଲେ । ଔଷଧର ଦାମ୍‌କୁ ନେଇ ରାଜ୍ୟଗୁଡ଼ିକ କହିଥିଲେ ଯେ ସେମାନେ କେନ୍ଦ୍ର ସରକାରଙ୍କ ଦର ନିୟନ୍ତ୍ରଣ ଉପରେ ନିର୍ଭରଶୀଳ। କେଉଁ ଔଷଧର ଦାମ୍ କ'ଣ ହେବ, ତାହା କେନ୍ଦ୍ର ହିଁ ଧାର୍ଯ୍ୟ କରିଥାଏ ବୋଲି କହିଥିଲେ।

## ଛତିଶା ନିଯୋଗ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ୧୩, ୧୪ରେ ରାତି ୩ ଟାରୁ ଖୋଲିବ ଶ୍ରୀମନ୍ଦିର

ପୁରୀ, ୬/୩ ନ୍ୟୁଜ ବ୍ୟୁରୋ



ଆସନ୍ତା ୯ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଦୋଳପୂର୍ଣ୍ଣିମା ନୀତି। ଏଥିପାଇଁ ଗୁରୁବାର ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ। ବୈଠକରେ ଆସନ୍ତା ମେଣ୍ଢାପୋଡ଼ି, ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଚୁଡାନ୍ତ ହୋଇଛି। ଆସନ୍ତା ୧୩ ଓ ୧୪ ତାରିଖ ମେଣ୍ଢା ପୋଡ଼ି ଓ ଦୋଳପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଉପରେ ମୋହର ମାରିଛି ଛତିଶା ନିଯୋଗ।

୧୩ ଓ ୧୪ ତାରିଖ ରାତି ୩ ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଅନ୍ୟାନ୍ୟ ନୀତି କାନ୍ତି ହେବ। ସେହିପରି ୧୪ ତାରିଖ ଦୋଳପୂର୍ଣ୍ଣିମା ଦିନ ଦୋଳବେଦୀ ଉପରେ ସ୍ୱତନ୍ତ୍ର ନୀତି କାନ୍ତି ହେବ। ଠିକ୍ ସମୟରେ ନୀତି ସଂପାଦନ ସହ ଭକ୍ତ କିଭଳି ବ୍ୟବସ୍ଥିତ ଓ ଶୃଙ୍ଖଳିତ ଦର୍ଶନ କରିବେ ସେ ନେଇ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଅନ୍ୟପଟେ ଆସନ୍ତା ଗ୍ରୀଷ୍ମପ୍ରବାହ ଓ ଖରାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ନିମନ୍ତେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ହେବ। ସେପଟେ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଓମଫେଡ ଘିଅ ଟିଣରେ ଥିବା ମହାପ୍ରଭୁଙ୍କ ଫଟୋକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସେବାୟତ। ତୁରନ୍ତ ସେଥିରୁ ମହାପ୍ରଭୁଙ୍କ ଫଟୋ ହଟାଇବା ପାଇଁ ଦାବି କରିଛନ୍ତି ବରିଷ୍ଠ ସେବାୟତ ଦାମୋଦର ମହାସୁଆର।

ଏନେଇ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ତେବେ ଗୁରୁବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ, ଶ୍ରୀମନ୍ଦିର ନୀତି ପ୍ରଶାସକ, ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହିତ ଛତିଶା ନିଯୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର : ସ୍ଥାନୀୟ ସୂର୍ଯ୍ୟନଗର ସେବା ଓ ସାଂସ୍କୃତିକ ସଂସଦ ଆନୁକୁଲ୍ୟରେ ମା' ଭୁବନେଶ୍ୱରୀ ଦେବୀ, ସିଦ୍ଧି ବିନାୟକ ଓ ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ, ବିଜେପିର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଭାରତ ସରକାରଙ୍କ ଜାତୀୟ ଉତ୍ପାଦିକା ପରିଷଦର ବରିଷ୍ଠ ଅଧିକାରୀ ଆଲୋକ କୁମାର ମହାନ୍ତି, ବିଶିଷ୍ଟ ସମାଜସେବୀ ଶୁଭକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ମଧ୍ୟ ରାଜ୍ୟର ଅନେକ ମନ୍ତ୍ରୀ, ଭୁବନେଶ୍ୱର ମେୟର, ରାଜ୍ୟ ବିଜେପିର ବହୁ ତୁଙ୍ଗନେତା ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୂର୍ଯ୍ୟନଗର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଧର୍ମପରାୟଣା ମହିଳା ପ୍ରମୁଖ ଗତ ୩ତାରିଖରୁ କଳସ ଶୋଭାଯାତ୍ରା ସହ ଅନ୍ୟାନ୍ୟ ଧାର୍ମିକ ପୂଜାର୍ଚ୍ଚନାରେ ଯୋଗ ଦେଇ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ଗୁରୁବାର ଏହି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୂର୍ଯ୍ୟନଗର ଅଞ୍ଚଳର ଉତ୍ସାହୀ ସମାଜସେବୀ ଉମାପ୍ରସାଦ ଷଣ୍ଢଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧାର୍ମିକ କାର୍ଯ୍ୟ ସମ୍ପାଦିତ ହୋଇଥିଲା। (ଫଟୋ : ସମ୍ବାଦ କଳିକା)

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଡେପୁଟି ଟ୍ରାନ୍ସପୋର୍ଟ କମିଶନରଙ୍କ ଘରେ ଭିଜିଲାନ୍ସ ରେଡ୍

ଭୁବନେଶ୍ୱର,୦୬/୦୩ ନ୍ୟୁଜ ବ୍ୟୁରୋ

କଟକ ଜିଲ୍ଲା ଏସ୍‌ଟିଏ ଡେପୁଟି କମିଶନରଙ୍କ ଘରେ ଭିଜିଲାନ୍ସ ଚଢଉ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡେପୁଟି ଟ୍ରାନ୍ସପୋର୍ଟ କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ରେଡ୍ କରୁଛି ଭିଜିଲାନ୍ସ ଟିମ୍ । ଗୁରୁବାର ସକାଳେ ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ ସମେତ ମୋଟ ୯ ଟି ସ୍ଥାନରେ ଏକକାଳୀନ ଚଢଉ କରିଛି । ଏହି ଚଢଉରେ ଭୁବନେଶ୍ୱର ମୈତ୍ରୀ ବିହାର ସ୍ଥିତ ଘରୁ ନଗଦ ୧୫ ଲକ୍ଷ ଟଙ୍କା ସହ ୩ଟି ସୁନା ବିସ୍କୁଟ୍ ଏବଂ ବହୁ ସୁନା ଅଳଙ୍କାର ଜବତ କରିଛି ଭିଜିଲାନ୍ସ ଟିମ୍ । ସୂଚନା ମୁତାବକ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ଜିଲ୍ଲା ଏସ୍‌ଟିଏ ଡେପୁଟି କମିଶନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ଗୁରୁବାର ଭିଜିଲାନ୍ସ ଚଢଉ ହୋଇଛି । ଏନେଇ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ସର୍ଚ୍ଚ ୱାରେଣ୍ଟ ଜାରି ହେବା ପରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚଢଉ କରାଯାଉଛି। ଏହି ଚଢଉରେ ୨ ଜଣ ଅତିରିକ୍ତ ଏସ୍‌ଏସ୍‌ପି, ୧୩ ଜଣ ଡିଏସ୍‌ଏସ୍‌ପି, ୧୨ ଜଣ ଇନିସ୍ପେକ୍ଟର, ୨୫ ଜଣ ଏଏସ୍‌ଆଇଙ୍କ ସମେତ କର୍ମଚାରୀ ସାମିଲ ହୋଇଛନ୍ତି। ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼ର ମୋଟ ୯ଟି ସ୍ଥାନରେ ରେଡ୍ ଜାରି ରଖିଛି ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ଚନ୍ଦ୍ରଶେଖରପୁର ମୈତ୍ରୀ ବିହାର ଅଞ୍ଚଳର ଘର, ରଘୁନାଥପୁର ଅଞ୍ଚଳର ୪ ବିଏଚ୍‌କେ ଫ୍ଲାଟ୍, ନୟାଗଡ଼ ରଣପୁର ଅଞ୍ଚଳର କୁସୁପଲ୍ଲୀ ସ୍ଥିତ ଏକ ଫାର୍ମ ହାଉସ୍, ଭୁବନେଶ୍ୱର ଗୋବିନ୍ଦପ୍ରସାଦ ଅଞ୍ଚଳର ଏକ ପାଞ୍ଚ ମହଲା ବିଶିଷ୍ଟ ନିର୍ମାଣାଧିନ ଘର, ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ଏକ ଘର, ପୁରୀ ଟାଉନ୍‌ର ଭକ୍ତି ରନ୍ ଲେନ୍ ସ୍ଥିତ ସମ୍ପର୍କୀୟଙ୍କ ଘର, ସମ୍ପର୍କୀୟଙ୍କ ନାଁରେ ଥିବା ଭୁବନେଶ୍ୱର ମଳିପଡ଼ା ସ୍ଥିତ ଏକ ପେଟ୍ରୋଲ୍ ପମ୍ପ, ପୁରୀରେ ସମ୍ପର୍କୀୟଙ୍କ ନାଁରେ ଥିବା ନିର୍ମାଣାଧିନ ଘର ଏବଂ କଟକ ସ୍ଥିତ ଅଫିସ୍‌ରେ ଏକକାଳୀନ ଚଢଉ କରିଛି ଭିଜିଲାନ୍ସ ଟିମ୍ ।

## ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଦିବସ ମାର୍ଚ୍ଚ ୫ରେ ପାଳନ ନକରିବା ନିଷ୍ପତ୍ତିର ପ୍ରତିବାଦରେ

# ବିଜେଡିର ରାଜ୍ୟବ୍ୟାପୀ ବିକ୍ଷୋଭ ଶୋଭାଯାତ୍ରା

ଭୁବନେଶ୍ୱର,୬/୩ ନ୍ୟୁଜ ବ୍ୟୁରୋ



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ରେ ପଞ୍ଚାୟତିରାଜ ଦିବସକୁ ଏପ୍ରିଲ ୨୪ରେ ପାଳିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଗୁରୁବାର ବିଜୁ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରାଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ତରଫରୁ ପ୍ରତିବାଦ ଶୋଭାଯାତ୍ରା ଓ ସଭା କରାଯାଇଥିଲା। ବିଜୁ ଜନତା ଦଳର ସ୍ଥାନୀୟ ନେତାମାନେ ରାଜ୍ୟ ସରକାରଙ୍କ ବିଜୁ ବିରୋଧୀ ମନୋଭାବ ଉପରେ ଦୃଢ଼ ସମାଲୋଚନା କରିଥିଲେ। ବିଜୁ ଜନତା ଦଳ ତରଫରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ମନରେ ଗଭୀର ଆଘାତ ଦେଇଛି, ଯାହା ପ୍ରତିବାଦ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। ରାଜ୍ୟରେ ପଞ୍ଚାୟତିରାଜ ଦିବସ ଗତ ପ୍ରାୟ ତିନି ଦଶନ୍ଧି ଧରି ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ବେଳେ, ରାଜ୍ୟ ସରକାର ଏହାକୁ ମାର୍ଚ୍ଚ ୫ରେ ନକରି ଏପ୍ରିଲ ୨୪ ତାରିଖରେ ପାଳନ କରିବାକୁ ନିଷ୍ପତ୍ତି ଦୁର୍ଭାଗ୍ୟଜନକ ଓ ରାଜ୍ୟ ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ପରିଚୟ। ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୯୧ ମସିହାରେ ଓଡ଼ିଶା ବିଧାନସଭାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ସହ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ କରାଯାଇଥିଲା। ଏହି ଐତିହାସିକ ନିଷ୍ପତ୍ତି ନେବାରେ ଓଡ଼ିଶା ପ୍ରଥମ ରାଜ୍ୟ ଥିଲା। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ୧୯୯୨ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ଆଣି ଏହି ବ୍ୟବସ୍ଥାର ପ୍ରାବଧାନ କରିଥିଲେ। ପରେ ୧୯୯୪ ମସିହା ଏପ୍ରିଲ ୨୪ ତାରିଖରେ ଏହି ବିଲ୍ ପାରିତ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଭାରତରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ହୋଇପାରିଥିଲା। ଏହାପରେ, ୧୯୯୩ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଜୁ ବାବୁଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ମାନ୍ୟତା ଦେଇଥିଲା। ୧୯୯୩ ମସିହାରୁ ରାଜ୍ୟରେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଛି। କେନ୍ଦ୍ର ସରକାର ୨୦୧୦ ମସିହାରେ, ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ଘୋଷଣା କରିଥିଲେ। ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ଡ଼ ମହାନ୍ତି କହିଛନ୍ତି।

## ଅଷ୍ଟମ ବ୍ୟାଚ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ

# ସମାରୋହରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬/୩ ନ୍ୟୁଜ ବ୍ୟୁରୋ



ଶୁକ୍ରବାର ସକାଳ ୯.୩୦ ମି. ସମୟରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ,ଭୁବନେଶ୍ୱରଠାରେ ଅଷ୍ଟମ ବ୍ୟାଚ ଆରକ୍ଷୀ ଉପ ଅଧୀକ୍ଷକ ଏବଂ ଦ୍ୱାଦଶ ବ୍ୟାଚ ଉପ ଆରକ୍ଷୀ ନିରୀକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହେବ। ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ, ଓଡିଶା ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ ଶିକ୍ଷାନବିସ ଅଧିକାରୀଙ୍କୁ ପୁରସ୍କୃତ କରିବା ସହ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବେ। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ସ୍କର୍ପିଓକୁ ପିଟିଲା ହାଇୱା: ଜଣେ ମୃତ, ୩ ଗୁରୁତର

ଭୁବନେଶ୍ୱର,୦୬/୦୩ ନ୍ୟୁଜ ବ୍ୟୁରୋ

ବିଳମ୍ବିତ ରାତ୍ରିରେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଗୁଡିଆପୋଖରୀ ଛକ ନିକଟରେ ସ୍କର୍ପିଓକୁ ପିଟିଲା ହାଇୱା। ଘଟଣା ସ୍ଥଳରେ ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ମନୋଜ ବେହେରା । ପୁରୀ ଜାତୀୟ ରାଜପଥ ଗୁଡିଆପୋଖରୀ ଛକ ନିକଟରେ ଏଭଳି ଘଟଣା ଘଟିଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତ୍ରିରେ ସ୍କର୍ପିଓରେ ୪ ଜଣ ଯୁବକ ପୁରୀ ଅଭିମୁଖେ ଯାଉଥିଲେ। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ଯାଉଥିବା ବେଳେ ଗୁଡିଆପୋଖରୀ ଛକ ନିକଟରେ ଏକ ହାଇୱା ଆସି ସ୍କର୍ପିଓକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଘଟଣା ସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ୩ ଜଣ ଗୁରୁତର ହୋଇଥିଲେ । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଛି । ଏହା ସହ ଗୁରୁତରଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି ପୋଲିସ ।

## ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ଘଟି ୫ ଗୁରୁତର

ଯାଜପୁର ୦୬/୦୩ ନ୍ୟୁଜ ବ୍ୟୁରୋ

ଯାଜପୁରଟାଉନ୍ ଥାନା ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତ ଜାଲପୁର ଗ୍ରାମରେ ବୁଧବାର ବେଆଇନ୍ ବାଣ ତିଆରି କାରଖାନାରେ ବିସ୍ଫୋରଣ ଘଟିଛି। ଏହି ବେଆଇନ୍ ବାଣ କାରଖାନା ବିସ୍ଫୋରଣରେ ୫ଜଣ ଗୁରୁତର ଆହତ ହୋଇ ଯାଜପୁର ମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବାବେଳେ ୨ଜଣ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ଏହି ୫ଜଣଙ୍କ ମଧ୍ୟରୁ ୩ଜଣ ବୟସ୍କ ଓ ୨ଜଣ ନାବାଳକ ଥିବା ଜଣାପଡିଛି। ଏହି ବେଆଇନ୍ ବାଣ କାରଖାନା ଜଣେ ବ୍ୟକ୍ତିଙ୍କ ଘରେ ଚାଲୁଥିବା ବେଳେ ସେଠାରେ ବାଣ ତିଆରି ସମୟରେ ବିସ୍ଫୋରଣ ଘଟି ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏହି ବାଣ ବିସ୍ଫୋରଣ ଶବ୍ଦ ଶୁଣି ନିକଟରେ ଘର ତିଆରି କରିଥିବା ନଳିନୀକାନ୍ତ ପତି, ବ୍ରହ୍ମାନନ୍ଦ ଜେନା ଓ ଅଜୟ ଜେନା ଶ୍ରମିକ ଛାତରୁ ଖସିପଡି ଆହତ ହୋଇଥିବାବେଳେ ବାଦଲ ପାତ୍ର ଓ ନାରାୟଣ ଚନ୍ଦ୍ର ବେହେରାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାପାଇ ଘଟଣାସ୍ଥଳରେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡିଛି।

## କମ୍ବିଂ ଅପରେସନ ବେଳେ ୨ ହାର୍ଡକୋର୍ ମାଓବାଦୀ ଗିରଫ



ଭୁବନେଶ୍ୱର, ୦୬/୦୩ ନ୍ୟୁଜ ବ୍ୟୁରୋ

ସୁରକ୍ଷାବାହିନୀକୁ ବଡ଼ ସଫଳତା। କମ୍ବିଂ ଅପରେସନ ବେଳେ ଦୁଇ ହାର୍ଡକୋର୍ ମାଓବାଦୀ ଗିରଫ ହୋଇଛନ୍ତି। ମହାରାଷ୍ଟ୍ର ଗଡ଼ଚିରୋଲି ଜିଲ୍ଲା ପୋଲିସର ସି-୬୦ ବାହିନୀ ଏବଂ ସିଆରପିଏଫ୍ ଯବାନଙ୍କ ମିଳିତ କମ୍ବିଂ ଅପରେସନ ବେଳେ ଏହି ଦୁଇ ମାଓବାଦୀ ଗିରଫ ହୋଇଛନ୍ତି। ସୂଚନାନୁଯାୟୀ, ଗିରଫ ହୋଇଥିବା ଦୁଇ ମାଓବାଦୀ ହେଲେ କେଲୁପାଣ୍ଡୁ ମାଡ଼କାମ ଓ ରାମେଡୋହି କୋର୍ଚେ। ଏମାନେ ଟେନୁର ମାଓ ସଙ୍ଗଠନରେ କମାଣ୍ଡର ପଦବୀରେ ନିଯୁକ୍ତ ଥିଲେ। ପୂର୍ବରୁ ଏମାନଙ୍କ ମୁଣ୍ଡ ଉପରେ ମହାରାଷ୍ଟ୍ର ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏମାନେ ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟ କରିବା ସହ ଅନେକ ହିଂସାକାଣ୍ଡ ଘଟାଇଛନ୍ତି। ବିଶେଷକରି ଗତ ଫେବୃୟାରୀ ୨୫ ତାରିଖରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଥିବା ବେଳେ ସି-୬୦ ବାହିନୀର ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ। ଏହା ସହ ବିଭିନ୍ନ ସମୟରେ ପ୍ରଜାକୋର୍ଟ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରୁଥିଲେ। ଗିରଫ ଦୁଇ ମାଓ ନେତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗଡଚିରୋଲି ଏସ୍‌ପି ଏନେଇ ସୂଚନା ଦେଇଛନ୍ତି।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଏମସିର ପ୍ରସ୍ତୁତି: ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ ଯାଏଁ କାମ ବନ୍ଦ

ଭୁବନେଶ୍ୱର, ୬/୩ ନ୍ୟୁଜ ବ୍ୟୁରୋ

ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯାଇଛି। ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସେବା କେନ୍ଦ୍ର ଖୋଲାଯିବ । କେଉଁ କେଉଁ ସ୍ଥାନରେ ଏହି ପାନୀୟ ଜଳ ସେବା କେନ୍ଦ୍ରମାନ ଖୋଲାଯିବ ତାହା ଜୋନାଲ କମିଶନରମାନେ ଚିହ୍ନଟ କରିବେ । ଏହା ସହ ବୁଲା ଗାଈଗୋରୁ, କୁକୁର ତଥା ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ବ୍ୟବସ୍ଥା କରାଯିବ । ତେବେ ଏଥିପାଇଁ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟକାରୀ କରାଯିବ। ଗତ ବର୍ଷ ନର୍ଥ ଜୋନରେ ୬୭ଟି, ସାଉଥ-ଇଷ୍ଟ ଜୋନରେ ୬୯ଟି ଏବଂ ସାଉଥ-ୱେଷ୍ଟ ଜୋନରେ ୭୭ଟି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା। ସେହିପରି ପ୍ରାଣୀମାନଙ୍କ ପାଇଁ ନର୍ଥ ଜୋନରେ ୫୧ଟି, ସାଉଥ-ଇଷ୍ଟ ଜୋନରେ ୧୩୪ଟି ଏବଂ ସାଉଥ-ୱେଷ୍ଟ ଜୋନରେ ୭୩ଟି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲା । ସେହିପରି ଚଳିତ ବର୍ଷ ଜନ ଗହଳିପୂର୍ଣ୍ଣ ସ୍ଥାନ, ବସ୍ ଷ୍ଟାଣ୍ଡ, ବିଭିନ୍ନ ଛକ, ବଜାର, ହାଟ ଆଦିରେ ପାନୀୟ ଜଳ ସେବା କେନ୍ଦ୍ରମାନ ଖୋଲାଯିବ। ସମସ୍ତ ଡାକ୍ତରଖାନାରେ ସନଷ୍ଟ୍ରୋକରେ ଆକ୍ରାନ୍ତଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର ରୁମ୍ ଓ ବେଡ୍, ଆବଶ୍ୟକ ମେଡିସିନ, ଓଆରଏସ୍ ଆଦି ମହଜୁଦ୍ ରଖିବା ପାଇଁ ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରମୁଖ କାର୍ଯ୍ୟ ହେଉଛି ଜନ ସଚେତନତା ସୃଷ୍ଟି କରିବା । ସନ୍ ଷ୍ଟ୍ରୋକ୍ ଆକ୍ରାନ୍ତ ଓ ମୃତ୍ୟୁ ମୁଖରୁ ରକ୍ଷା ପାଇବା ପାଇଁ ଜନ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ପ୍ରଚାର ପ୍ରସାର, ପୋଷ୍ଟର, ବ୍ୟାନର ଆଦିର ସହାୟତା ନିଆଯିବାକୁ କୁହାଯାଇଛି । ସ୍ମାର୍ଟ ସିଟି ଡିସପ୍ଲେ ବୋର୍ଡରେ ମଧ୍ୟ ଏ ସଂପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରାଯିବ। ପ୍ରଚାର ପତ୍ର ବଣ୍ଟନ କରିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଏମସି ମୁଖ୍ୟାଳୟସ୍ଥିତ ଦ୍ୱିତୀୟ ମହଲାରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ୧୯୨୯ ଫୋନ୍ ନମ୍ବର ଜାରି କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟର ଶିକ୍ଷାଦାନ ସମୟ ପରିବର୍ତ୍ତନ କରିବା ସହ ଛାତ୍ରଛାତ୍ରୀମାନେ ଯେପରି ଜୋତା ପିନ୍ଧି ସାଙ୍ଗରେ ପାଣି ବୋତଲ, ଛତା ଆଦି ଆଣିବେ, ସେଥିପାଇଁ ସଚେତନ କରାଇବାକୁ କୁହାଯାଇଛି। ସେହିପରି ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ କୁହାଯାଇଛି । ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା, ଓଆରଏସ୍, ଏବଂ ଆବଶ୍ୟକ ମେଡିସିନ ମହଜୁଦ୍ ରହିଛି ବୋଲି ସିଡିପିଓ ଓ ବିଇଓମାନେ ସୁନିଶ୍ଚିତ କରିବେ। ପ୍ରତ୍ୟେକ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ୍ ପହଞ୍ଚିଛି କି ନାହିଁ, ତାହା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ତଦାରଖ କରିବେ । ସର୍ବୋପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାକୁ ବିଦ୍ୟାଳୟ ପ୍ରଶାସନ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ବ୍ୟବସ୍ଥା କରିବେ। ସେହିପରି ବିଏମ୍‌ସି ସିଟି ଇଂଜିନିୟର ଏବଂ ସମସ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏହି ସମୟ ମଧ୍ୟରେ କାର୍ଯ୍ୟ ବନ୍ଦ ରଖିବେ। କାମ ହେଉଥିବା ସ୍ଥାନରେ ପାନୀୟ ଜଳ ଓ ଛାଇ ପାଇଁ ଛାମୁଣ୍ଡିଆ କରିବେ। କାମ କରୁଥିବା ସମସ୍ତ ଏଜେନ୍ସି ଯଥା ଆରଆଣ୍ଡବି, ଆରଡି ମଧ୍ୟ ଶ୍ରମିକମାନଙ୍କୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ ପର୍ଯ୍ୟନ୍ତ କାମ ନ କରିବା ପାଇଁ ବ୍ୟବସ୍ଥା କରିବେ। କାର୍ଯ୍ୟ ସ୍ଥଳରେ ଧୂଳି ନ ହେବା ପାଇଁ ଜଳ ଛିଞ୍ଚିବାକୁ ସମ୍ପୃକ୍ତ କାର୍ଯ୍ୟାଳୟ/ କଣ୍ଟ୍ରାକ୍ଟର ଦାୟିତ୍ୱ ନେବେ। ଶ୍ରମ ବିଭାଗ ଓ ଇଏସ୍‌ଆଇ ପକ୍ଷରୁ ଜାରି ନୋଟିସକୁ ସବୁ ଲାଇନ ଡିପାର୍ଟମେଣ୍ଟ ଯଥା-ଡିଏଲଓ, ସିଟି ଇଂଜିନିୟର, ଏସଇ, ଟିପିସିଓଡିଏଲ୍, ଆର ଆଣ୍ଡ ବି, ଆର୍ ଡି ଆଦି ବିଭାଗ କଡାକଡି ପାଳନ କରିବା ପାଇଁ କୁହାଯାଇଛି।

ଘର ନଥିବା ଲୋକମାନେ ଦିନ ବେଳା ସର୍ବସାଧାରଣ ଗୃହ, କମ୍ୟୁନିଟ୍ ହଲ୍, ଅର୍ବାନ ସେଲଟର ଆଦିରେ ବିଶ୍ରାମ ନେବା ପାଇଁ ବ୍ୟବସ୍ଥା କରାଯିବ । ଏଥିରେ ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ଅଲଗା ବ୍ୟବସ୍ଥା ରହିବ ଏବଂ ପାନୀୟ ଜଳ ଓ ଓଆରଏସ୍ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଛି । ବିଏମସି ଅଞ୍ଚଳରେ ଥିବା ୭ଟି ଆଶ୍ରୟସ୍ଥଳିରେ ପ୍ରାୟ ୩୫୬ ଜଣଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଯେପରି ବିଦ୍ୟୁତ୍ କାଟ୍ ନ ହୁଏ, ସେଥିପ୍ରତି ଟିପିସିଓଡିଏଲ୍ ସୁପରିଟେଣ୍ଡିଂ ଇଂଜିନିୟର ବିହିତ ବ୍ୟବସ୍ଥା କରିବାକୁ କୁହାଯାଇଛି । ମୁଖ୍ୟତଃ ଡାକ୍ତରଖାନା, ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଆଦି ଅତ୍ୟାବଶ୍ୟକ ସେବା ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ପଦକ୍ଷେପ ନେବେ । ଘର ତିଆରି ଏବଂ ଅନ୍ୟାନ୍ୟ ନିର୍ମାଣ ଇତ୍ୟାଦିରେ ଯେପରି ପାନୀୟ ଜଳର ଉପଯୋଗ ନ ହୁଏ ତାହାକୁ ନଜର ଦେଲେ ଗ୍ରୀଷ୍ମ କାଳରେ ଜଳ ପରିଚାଳନାରେ ସହାୟକ ହେବ ବୋଲି କହିଛନ୍ତି କମିଶନର। ଯଦି କୌଣସିଠାରେ ସନଷ୍ଟ୍ରୋକରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଲା କିମ୍ବା କୌଣସି ଗଣମାଧ୍ୟମରେ ପ୍ରଚାର ପ୍ରସାର ହେଲା, ତେବେ ସରକାରୀ ନିୟମ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଯିବ ।